ସକାଳ THE SAKALA



## ‘ସମ୍ଭବ’ ତାଲିମର ଦ୍ୱିତୀୟ ପର୍ଯ୍ୟାୟ ଶିବିର ଉଦ୍‌ଘାଟିତ

କୋରାପୁଟ,୧୭।୧୨(ସମିସ): ଜିଲ୍ଲା ସମଗ୍ର ଶିକ୍ଷା ତରଫରୁ ସ୍ଥାନୀୟ ପିଏମ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ “ସମ୍ଭବ” ତାଲିମର ଦ୍ୱିତୀୟ ପର୍ଯ୍ୟାୟ ଶିବିର ଉଦ୍‌ଘାଟିତ ହୋଇଛି।ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରୀତା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧନ କର୍ମୀ ଭାବେ ଦିଲିପ ପଣ୍ଡା, ଗୋରାଚାନ୍ଦ ତ୍ରିପାଠୀ ଏବଂ ରୁଦ୍ର ନାରାୟଣ ମିଶ୍ର କାର୍ଯ୍ୟ ତୁଲାଇଥିଲେ। ୧୪ଟି ବ୍ଲକର ଉଚ୍ଚ ବିଦ୍ୟାଳୟରୁ ୧୦୦ଜଣ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ସାମିଲ ହୋଇଛନ୍ତି । ଉକ୍ତ ତାଲିମକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତୀ ପରିଚାଳନା କରୁଛନ୍ତି।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲକ୍ଷ୍ମୀପୁର,୧୭।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟ ଠାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ କରାଯାଇଥିଲା। ଏଥିରେ ଅନେକ ଭିନ୍ନକ୍ଷମ ମାନଙ୍କୁ ପଞ୍ଜୀକୃତ କରାଯାଇ ଥିଲା। ବ୍ଲକର ୧୩ ପଞ୍ଚାୟତରେ ଥିବା ଶତାଧିକ ଭିନ୍ନକ୍ଷମ ଏହି ଶିବିର ଜରିଆରେ ଚିହ୍ନଟ ହୋଇ ଆଗାମୀ ଦିନରେ ବିଭିନ୍ନ ରକମର କୃତ୍ରିମ ଅଙ୍ଗ ପାଇ ପାରିବେ ଓ ଏହା ଦ୍ୱାରା ଅନେକ ଭିନ୍ନକ୍ଷମ ଉପକୃତ ହେବେ। କାର୍ଯ୍ୟକ୍ରରେ ୬ଟି ଷ୍ଟଲ ସ୍ଥାନ ପାଇଥିବା ବେଳେ ୩୬୧ ଜଣଙ୍କୁ ପଞ୍ଜିକୃତ କରାଯାଇ ଥିଲା। ବିଡିଓ ସବ୍ୟସାଚୀ ବେହେରାଙ୍କ ସଭାପତିତ୍ୱ ଏହା ଶୁଭାରମ୍ଭ କରାଯାଇ ଥିବା ବେଳେ ମୁଖ୍ୟ ଅତିଥି ଭାବେ ଯୁବ ବିଧାୟକ ପବିତ୍ର ସାଉଁନ୍ତା ଯୋଗ ଦେଇଥିଲେ। ଅଧକ୍ଷା ଶୁୱାଇ କୁଲେସିକା ଓ ଉପାଧକ୍ଷା ଆରତୀ କୁଲଦୀପ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁତି ଭୁଷଣ ଟାକ୍ରି , କନିଷ୍ଠ ଯନ୍ତ୍ରୀ ଏମ୍ ପୱନ୍ଅ କୁମାରଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜୟପୁରର ୬ କେନ୍ଦ୍ରରେ ଓଟିଇଟି ପରୀକ୍ଷା

ଜୟପୁର,୧୭ ।୧୨(ସମିସ): କୋରାପୁଟ ଜିଲ୍ଲାର ୧୩ଟି ଉଚ୍ଚ ବିଦ୍ୟାଳୟରେ ଓଟିଇଟି ପରୀକ୍ଷା କେନ୍ଦ୍ର ଭାବେ ଆୟୋଜିତ ହୋଇଥିଲା। ଏଥିରେ କୋରାପୁଟ ଠାରେ ୭ଟି ଏବଂ ଜୟପୁର ଠାରେ ୬ଟି କେନ୍ଦ୍ରରେ ପରୀକ୍ଷା ଆୟୋଜିତ ହୋଇଥିଲା। ଜୟପୁର ସହରର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ପୌର ବାଳିକା ଉଚ୍ଚ ବିଦ୍ୟାଳୟ, ଜଗଦିଶ ଚନ୍ଦ୍ର ନାୟକ ଉଚ୍ଚ ବିଦ୍ୟାଳୟ, ସିଟି ଉଚ୍ଚ ବିଦ୍ୟାଳୟ ଏବଂ ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ସମୁଦାୟ ୧୪୭୫ ଜଣ ଶିକ୍ଷୟକ ଶିକ୍ଷୟତ୍ରୀଙ୍କ ପାଇଁ କେବଳ ପେପର-୨ ପରୀକ୍ଷା ନିମନ୍ତେ ବ୍ୟବସ୍ଥା ହୋଇଥିଲା। ଏହା ପୂର୍ବାହ୍ନ ଓ ଅପରାହ୍ନ ଦୁଇଟି ପର୍ଯ୍ୟାୟରେ ଆୟୋଜିତ ହୋଇଥିଲା। ପ୍ରକାଶ ଯେ.. କୋରାପୁଟ ଜିଲ୍ଲାର ସମୁଦାୟ ୧୩ ପରୀକ୍ଷା କେନ୍ଦ୍ରରେ ସମୁଦାୟ ୪୪୧୮ ଜଣ ଶିକ୍ଷୟକ ଓ ଶିକ୍ଷୟତ୍ରୀଙ୍କ ମଧ୍ୟରୁ ପେପର-୧ ପାଇଁ ୧୩୧୩ ଜଣ ଏବଂ ପେପର-୨ ପାଇଁ ୩୧୦୫ ଜଣ ଶିକ୍ଷୟକ ଓ ଶିକ୍ଷୟତ୍ରୀ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିଲା।

### ମଣ୍ଡପ ଓ ପଲ୍ଲୀଶ୍ରୀ ମେଳା ପ୍ରସ୍ତୁତି ଶେଷ

# ଆଜି ଉଦ୍‌ଘାଟନ ହେବ ‘ପରବ’

କୋରାପୁଟ,୧୭।୧୨ (ସମିସ): ଜାତୀୟ ସ୍ତରୀୟ ଆଦିବାସୀ ଲୋକ ମହୋତ୍ସବ ‘ପରବ’ର ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ମଣ୍ଡପଓପଲ୍ଲୀଶ୍ରୀମେଳାଷ୍ଟଲନିର୍ମାଣକାର୍ଯ୍ୟର ଶେଷ ସ୍ୱର୍ଶ ଦିଆ ସରିଛି।ଆସନ୍ତାକାଲି (ଗୁରୁବାର) ହେବ ‘ପରବ’ର ଉଦ୍‌ଘାଟନ ସମାରୋହ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ଶାନ୍ତି ଶୃଙ୍ଖଳା ପାଇଁ ୩୭ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ଥିବା ବେଳେ ୧୧ ଟି ସ୍ଥାନରେ ଗାଡି ପାର୍କିଙ୍ଗି ପାଇଁ ବ୍ୟବସ୍ଥା କରାଯାଇ ଥିବା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ସୂଚନା ଦେଇଛନ୍ତି। ଗହଳି ନିୟନ୍ତ୍ରଣ ପାଇଁ କରାଯାଇଛି ୱାନ ୱେ ବ୍ୟବସ୍ଥା । ଉଦ୍‌ଘାଟନ ପୂର୍ବରୁ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଓ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ‘ପରବ’ ମଣ୍ଡପ ଓ ପଲିଶ୍ରୀ ମେଳା ଅନୁଧ୍ୟାନ କରିଛନ୍ତି। ଗତ ବର୍ଷର ଅନୁଭୂତିରୁ ‘ପରବ’ରେ ଲକ୍ଷାଧିକ ଜନତାଙ୍କ ସମାଗମ କୁ ଆଖିଆଗରେ ରଖି




- ୩୭ ପ୍ଲାଟୁନ ଫୋର୍ସ ମୁତୟନ
- ୧୧ଟି ସ୍ଥାନରେ ହେବ ପାର୍କିଂ
- ସ୍ଥିତି ଅନୁଧ୍ୟାନ କଲେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ

ଚଳିତ ବର୍ଷ ୩୭ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସେହିଭଳି ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ୧୧ଟି ସ୍ଥାନରେ ପାର୍କିଂ ବ୍ୟବସ୍ଥା ସହ ସୁନାବେଡ଼ା ପଟୁ ଆସୁଥିବା ଜନତାଙ୍କୁ ଜନ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଠାରୁ ମାଳିସାହି ଦେଇ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଛକ ଦେଇ ଦୁଇଚକିଆ ଯାନ ରଙ୍ଗବାଲି କୁମ୍ଭା ଗ୍ରାମ ନିକଟରେ ଥିବା ପାର୍କିଙ୍ଗ ସ୍ଥାନରେ ରହିବା ବ୍ୟବସ୍ଥା କରାଯାଇଥିବା ବେଳେ ଚାରି ଚକିଆ ଯାନ ପାଇଁ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ସାମନା ପାର୍କିଂ ସ୍ଥାନରେ ରହିବ। ଜୟପୁର ପଟୁ ଅସୁଥିବା ଗାଡିଗୁଡିକ ଛପର ଓ ଶୋଭା କାର୍ଯ୍ୟାଳୟ ନିକଟ ରେ ଥିବା ପର୍କିଙ୍ଗ ସ୍ଥାନରେ ରହିବା ପାଇଁ ବ୍ୟବସ୍ତା କରାଯାଇଛି , ଆବଶ୍ୟକ ପଡିଲେ ନୂଆରେକରାଯାଇଥିବା ପାର୍କିଂ ସ୍ଥାନ ବ୍ୟବହାର କରାଯିବ ବୋଲି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ରଙ୍ଗମଞ୍ଚୀୟ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣ କରିବା ପାଇଁ ଉମାକାନ୍ତ ବାରିକଙ୍କ ଟିମ ଆଜି ଉଦ†ାଟନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଛି। ସେହିପରି ୧୯ ତାରିଖରେ ହମ ସଫି ବ୍ୟାଣ୍ଡ ଓ ଟିମ, ୨୦ ତାରିଖରେ ଗାୟିକା ଅସୀମା ପଣ୍ଡା ଟିମ, ୨୧ରେ ନକାସ ଅଜିଜ ଟିମ ଓ ଶେଷ ଦିନ ସଚେତ ପରମ୍ପରା ଓ ସାଥୀ ମୁଖ୍ୟ ଆକର୍ଷକ ରହିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଧାନଗଦାରେ ଲାଗିଲା ନିଆଁ

ବୈପାରୀଗୁଡ଼ା,୧୭।୧୨(ସମିସ): ଆଜି ଅପରାହ୍ନ ୪ଟା ସମୟରେ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଚିପାକର ପଞ୍ଚାୟତର ଡ଼ଙ୍ଗାଧାରା ଗାଁରେ ଚାଷୀ ରମେଶ ଗଲରୀଙ୍କ ଧାନଗଦାରେ ନିଆଁ ଲାଗି ଯାଇଥିଲା। ଖବର ପାଇଁ ସ୍ଥାନୀୟ ଚିପାକୁର ସରପଞ୍ଚ ରାଜଖିଲ, ମହୁଲି ସମିତି ସଭ୍ୟ ଭକ୍ତ ହରିଜନ, ବିଜେପି କର୍ମୀ ଜଗତ ଆର୍ଲାମ ଏବଂ ଗ୍ରାମବାସୀ ସମସ୍ତେ ମିଶି ନିଆଁକୁ ଆୟତ କରିଥିଲେ।

## ୨୭ ଦୋକାନ ଗୃହ ଉଚ୍ଛେଦ ନେଇ ନୋଟିସ

ଜୟପୁର,୧୭ ।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ପଞ୍ଚାନନ ମନ୍ଦିର ଛକରୁ ଖ୍ରୀଷ୍ଟିଆନ ସାହି ଛକକୁ ସଂଯୋଗ କରୁଥିବା ବାଇପାସ୍ ରୋଡର ୨ୟ ଦୈନିକ ବଜାର ଛକ ନିକଟରେ ପଶ୍ଚିମ ଦିଗରେ ଜଗନ୍ନାଥସାଗର ପାଶ୍ୱର୍ରେ ରହିଥିବା କ୍ଷୁଦ୍ରଜଳସେଚନ ବିଭାଗର ଡ୍ରେନ ନିକଟରେ ରହିଥିବା ୨୭ଟି ଦୋକାନ ଗୃହକୁ ଉଚ୍ଛେଦ କରିବା ନେଇ ପୌରସଂସ୍ଥା ପକ୍ଷରୁ ଗତକାଲି ନୋଟିସ ଜାରି କରାଯାଇଛି। ଏଥିରେ ପୌରସଂସ୍ଥା ପକ୍ଷରୁ ପୂର୍ବରୁ ନିର୍ମିତ ହୋଇଥିବା ୧୬ଟି ଦୋକାନ ଗୃହରକ ମାଲିକଙ୍କୁ ୭ ଦିନ ସମୟ ଦିଆଯାଇଥିବା ବେଳେ ଜବରଦଖଲରେ ରହିଥିବା ୧୧ଟି ଦୋକାନଗୃହ ମାଲିକଙ୍କୁ ଆସନ୍ତା ୩ ଦିନ ମଧ୍ୟରେ ନିଜ ପକ୍ଷରୁ ଖାଲିକରିବାକୁ ନୋଟିସ କରାଯାଇଛି। ଅନ୍ୟଥା ପୌରସଂସ୍ଥା ପକ୍ଷରୁ ଭଙ୍ଗାଯାଇ ଉଚ୍ଛେଦ କରାଯିବ ବୋଲି ସ୍ୱଷ୍ଟ କରାଯାଇଛି। ଏହିପରି ଦ୍ୱିତୀୟ ଦୈନିକ ବଜାର ଛକ ନିକଟରେ ରାସ୍ତା ପାଶ୍ୱର୍ରେ ଏହି ଦୋକାନ ଗୃହ ଯୋଗୁଁ ରାସ୍ତା ଉପରେ ଗାଡି ପାର୍କ ଯୋଗୁଁ ରାସ୍ତା ଅଣଓସାରିଆ ହୋଇ ପ୍ରବଳ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହିପରି ସେଠାରେ ବସ ରହଣି ସ୍ଥଳ ରହିଥିବା ବେଳେ ପ୍ରବଳ ଭୀଡ ଯୋଗୁଁ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେଉଛି। ତେଣୁ ପୌରସଂସ୍ଥା ପକ୍ଷରୁ ସାଧାରଣ ଲୋକଙ୍କ ସୁବିଧା ପାଇଁ ଏହିପରି ପଦକ୍ଷପ ଗ୍ରହଣକୁ ଏହି ରାସ୍ତାଦେଇ ଯାତାୟାତ କରାଯାଉଥିବା ସହରବାସିନ୍ଦା ପ୍ରଶଂସା କରାଯାଉଛି। ସେହିପରି ପୌରସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ଷ୍ଟଲଗୁଡିକର ମାଲିକ ମାନଙ୍କୁ ଥଇଥାନ ବ୍ୟବସ୍ଥା କରାଯିବା ନେଇ ପୌରସଂସ୍ଥା ପକ୍ଷରୁ ପ୍ରତିଶୃତି ଦିଆଯାଇଛି। ଏହିପରି ଉକ୍ତ ବାଇପାସ ରାସ୍ତାରେ ପାତ୍ର ଲାଇନ ନିକଟରେ ୪ ଚକିଆ ଯାନ ଗୁଡିକ ବେଆଇନ ଭାବେ ପାର୍କିଂକୁ ମଧ ହଟାଇବାକୁ ଦାବି କରାଯାଇଛି।

## ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ବିଷ୍ଣୁଙ୍କ କୃତିତ୍ୱ




କୋଷାଗୁମୁଡା,୧୭।୧୨(ସମିସ): ଚଳିତ ବର୍ଷ ଜିଲ୍ଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ସରକାରୀ ମୁନ୍ସିପାଲ ଉଚ୍ଚ ବିଦ୍ୟାଳୟ ନବରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରଦର୍ଶନୀରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀ ଧାନୁଆର ବିଷ୍ଣୁ ମଣ୍ଡଳ ପ୍ରଥମ ସ୍ଥାନ ଅଧିକାର କରି ମାଝୀ ଧନୁଆ ପାଇଁ ଗୌରବ ଆଣିଛନ୍ତି। ଏହି ପ୍ରଦର୍ଶନୀରେ ଜିଲ୍ଲାର ୧୩୦ ପ୍ରକଳ୍ପ ଅଂଶ ଗ୍ରହଣ କରିଥିଲା। ଜିଲ୍ଲାରୁ ଆସିଥିବା ପ୍ରକଳ୍ପ ମଧ୍ୟରୁ କୃଷି ବିଭାଗରେ ବିଷ୍ଣୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଧୁନିକ ବିଜ୍ଞାନ ଯୁଗରେ କୃଷିର କାର୍ଯ୍ୟ କିପରି ସହଜ ହେବ ଏବଂ କମ ଖର୍ଚ୍ଚ ହେବ ତାହା ପ୍ରଦର୍ଶନ କରି ପ୍ରଶଂସାର ପତ୍ର ହେଇଥିଲା। ଏହି ପ୍ରକଳ୍ପକୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଝୀ ଧନୁଆର ବିଜ୍ଞାନ ଶିକ୍ଷକ ବଦ୍ରି ନାରାୟଣ ବିଶ୍ୱାଳ ମାର୍ଗଦର୍ଶନ କରିଥିଲେ। ଏହି ଖବର ମଝିଧନୁଆରେ ଜାଣିବା ପରେ ମଝିଧାନୁଆର ସରପଞ୍ଚ ଦୟରମ୍ ପୂଜାରୀ, ପରଥ ସାରଥୀ ସାହୁ, ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଅଭିନନ୍ଦନ ଜଣାଇଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ପାଇଁ ଗର୍ଜିଲା ମହାସଂଘ

ରାୟଗଡା,୧୭।୧୨(ସମିସ): ରାୟଗଡ଼ା ଜିଲ୍ଲା ନିର୍ମାଣ ଶ୍ରମିକ ମହାସଂଘ ତରଫରୁ ସ୍ଥାନୀୟ ଗାନ୍ଧୀ ପାର୍କ ଠାରୁ ନିର୍ମାଣ ମହସଂଘର ୧୨ଟି ଟ୍ରେଡ ୟୁନିୟନ ମିଳିତ ଭାବରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ରାୟଗଡା ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଦୀର୍ଘ ୧ ବର୍ଷ ହେଲାଣି ନିର୍ମାଣ ଶ୍ରମିକ ମାନଙ୍କ ପ୍ରତି ସହାୟତା ବଣ୍ଟନରେ ଅହେତୁକ ବିଳମ୍ବ, ଶ୍ରମ ଦଲାଲ ମାନଙ୍କୁ ପ୍ରଶୟ ଦେଇ ଶ୍ରମିକ ମାନଙ୍କ ଠାରୁ ପଞ୍ଜୀକରଣ କରିବା ଏବଂ ସହାୟତା କରିବା ନାମରେ ହଜାର ହଜାର ଟଙ୍କା ଲୁଟପାଟ କରିବା, ନିର୍ମାଣ ଶ୍ରମିକ ମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଅତ୍ୟାଚାର ପ୍ରତିବାଦରେ ରାୟଗଡ଼ା ବିଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟଠାରେ ଗଣ ବିକ୍ଷୋଭ ଓ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ସ୍ଥିତ ରାଜ୍ୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଠାରୁ ରାୟଗଡା ଜିଲ୍ଲା ପ୍ରତି ମାସରେ ୬୭ ଲକ୍ଷ ଟଙ୍କାର ସହାୟତା ନିର୍ମାଣ ଶ୍ରମିକ ମାନଙ୍କୁ ଯଥା ଶିକ୍ଷା ବୃତ୍ତି, ବିହାହ,ପ୍ରସୂତୀ କାଳୀନ ଓ ମୃତ୍ୟୁ କାଳିନ ସହାୟତା ବଣ୍ଟନ କରିବାକୁ ନିର୍ଦ୍ଦେଶ ଥିବା ବେ୍ଳେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଆଜି ସୁଦ୍ଧା ୧୫ କୋଟି ଟଙ୍କାରୁ ଅଧିକ ଟଙ୍କାର ସହାୟତା ବଣ୍ଟନ କରିବାକୁ ଥିବାବେଳେ ଆଜି ସୁଦ୍ଧା ୩/୪ କୋଟି ଟଙ୍କା ମଧ ବଣ୍ଟନ କରାଯାଇପାରୁନାହିଁ ବୋଲି ଉପଦେଷ୍ଟା ଭବାନୀ ଶଙ୍କର ଜେନା ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉକି ପ୍ରତି ବର୍ଷ ୧୦ କ୍ୋଟିରୁ ୧୨ କୋଟି ଟଙ୍କାର ସହାୟତା ବାବଦକୁ ରାୟଗଡା ଜିଲ୍ଲା ତରଫରୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡକୁ ପଠାଯାଉଛି। ୨୦୨୩ ରୁ ୨୦୨୫ ମସିହାରେ ଅନଲାଇନ ଦାଖଲ କରାଯାଇଥିବା ୪୦ରୁ ୫୦ ହଜାର ନବୀକରଣକୁ ବିଭାଗୀୟ ନିଷ୍କ୍ରିୟତା ଯୋଗୁଁ ଏଯାଏଁ ଅନୁମୋଦନ କରାଯାଇପାରିନାହିଁ। ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ମନମୁଖି କାର୍ଯ୍ୟାକଳାପ ଯୋଗୁଁ ଏଭଳି ଅବ୍ୟବସ୍ଥା ଘଟୁଛି ବୋଲି ନିର୍ମାଣ ଶ୍ରମିକ ସଂଘର ସଭାପତି ନିରଞ୍ଜନ ପାତ୍ର ଅଭିଯୋଗ କରିଛନ୍ତି। ମହାସଂଘର ମୁଖ୍ୟ ଉପଦେଷ୍ଟା ଭବାନୀ ଶଙ୍କର ଜେନା କହିଛନ୍ତି ରାୟଗଡା ଗୋଟିଏ ଶିଳ୍ପ ବହୁଳ ଜିଲ୍ଲା ହୋଇଥିବାରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଠାରେ ୨ ଜଣ ଶ୍ରମ ଅଧିକାରୀ ନିଯୁକ୍ତି ପାଇବାର ସରକାରୀ ପ୍ରାବଧାନ ଥିବା ସ୍ଥଳେ ଜଣେ ଅପାରଗ ଡିଏଲଓଙ୍କୁ ଏଠାରେ ଅବସ୍ଥାପିତ କରାଯାଇଛି। ଅଗାମୀ ୨ମାସ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରିବା ସହ ଆଉ ଜଣେ ଅଧିକାରୀଙ୍କୁ ନିଯୁକ୍ତି ନଦେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଶ୍ରୀ ଜେନା ଚେତାବନୀ ଦେଇଛନ୍ତି। ଜିଲ୍ଲା ସଂପାଦକ ଖଗେଶ୍ୱର ସିଂ ୪୫ ଦିନ ମଧ୍ୟରେ ନୂତନ ଭାବରେ ପଞ୍ଜୀକୃତ ନିର୍ମାଣ ଶ୍ରମିକ ପରିଚୟପତ୍ର ପ୍ରଦାନ କରିବା ସହ ପ୍ରତିମାସରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ କରାଯାଉ ବୋଲି ଦାବି କରିଥିଲେ। କାର୍ଯ୍ୟକ୍ରମକୁ ଗଣେଶ୍ୱର ହିମିରିକା, ଅଭୟ ବେନିଆ, ରୁନା ନାୟକ, ମାଧବ ଗରଡା, ଚିତ୍ତରଞ୍ଜନ ରାଉତାରାଏ, ପ୍ରବଳ ନାୟକ, ଫକିର କଣ୍ଟା, ଗଜେନ୍ଦ୍ର ଗୌଡ, ରଞ୍ଜିତ ମାଝି, ସାମି ହିମିରିକା ଓ ଏ କୀରଣ କୁମାର ପ୍ରମୁଖ ସହଯୋଗ କରିଥିଲେ।




## ବିଦ୍ୟୁତ୍ ଲାଇନ୍ ପରିବର୍ତ୍ତନ ଦାବି; ପେଟ୍ରୋଲ୍ ବୋତଲ ଧରି ମହିଳାଙ୍କ ଆତ୍ମହତ୍ୟା ଧମକ

ଜୟପୁର,୧୮ ।୧୨(ସମିସ): ଜୟପୁର ସହରର ୧ ନମ୍ବର ୱାର୍ଡ ଜୟନଗର ଅଞ୍ଚଳରେ ୩୩ କେଭି ବିଦ୍ୟୁତ ଲାଇନ ଲାଇନ ଏବଂ ଏକ ବିଦ୍ୟୁତ ଖୁଣ୍ଟକୁ ପରବିବର୍ତ୍ତନ କରିବା ଦାବି ନେଇ ଆଜି ବାମୁଣିଗାଁ ବିଦ୍ୟୁତ ବିଭାଗ ଟାଟା ପାୱାର ସାଉଥ୍‌କୋ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସ୍ଥାନୀୟ ବାସିନ୍ଦା ସଞ୍ଜୁକ୍ତା ସାହୁ ପେଟ୍ରୋଲ ବୋତଲ ଧରି ଆତ୍ମହତ୍ୟା ଧମକ ଦେଇଥିଲେ। ଖବରପାଇ ସଦରଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ହାତରୁ ପେଟ୍ରୋଲ ବୋତଲ ଛଡାଇବା ସହିତ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରାଯିବା ନେଇ ପ୍ରତିଶୃତି ପରେ ମହିଳା ଜଣକ ଧାରଣାରୁ ଉଠିବା ସହିତ ନିଜ ଘରକୁ ଫେରିଥିଲେ। ପ୍ରକାଶ ଯେ, ଗତ କିଛି ବର୍ଷ ହେଲାଣି ଜୟନଗର ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମହିଳା ଜଣକ ଏକ ଗୃହ ନିର୍ମାଣ କରିବା ସହିତ ସେଠାରେ ରହୁଛନ୍ତି। ଏହିପରି ପୂର୍ବରୁ ଉକ୍ତ ଅଞ୍ଚଳରେ ୩୩କେ.ଭି ବିଦ୍ୟୁତ ଲାଇନ ରହିଛି , ଯାହା ତାଙ୍କ ଉପରେ ମାତ୍ର ୧ରୁ ୨ ଫୁଟ ଦୂରତାରେ ରହିଛି। ତେଣୁ ଏହି ଉଚ୍ଚ ସମ୍ପନ୍ନ ବିଦ୍ୟୁତ ଲାଇନ୍ ପରିବର୍ତ୍ତନ କରିବା ସହିତ ଗୃହ ନିକଟରେ ରହିଥିବା ଏକ ଖୁଣ୍ଟ ଯୋଗୁଁ ଛାତ ଉପରକୁ ଗଲେ ବିଦ୍ୟୁତ ଆଘାତ ଲାଗୁଛି। ଏହିପରି ସେମାନଙ୍କ ପରିବାର ପ୍ରତି ବିପଦ ରହିଛି। ଗତ ୨୦୧୯ ମସିହାରେ ବିଦ୍ୟୁତ ବିଭାଗ ର କର୍ମଚାରୀ ମାନେ ଘର କାନ୍ଥ



ନିକଟରେ ଏକ ଖୁଣ୍ଟ ପୋତିଦେଇ ୩୩ କେଭି ତାରକୁ ଉକ୍ତ ଖୁଣ୍ଟରେ ସଂଯୋଗ କରିଥିବା ନେଇ ମହିଳା ଜଣକ ଅଭିଯୋଗ କରିଛନ୍ତି। ବିଦ୍ୟୁତ ବିଭାଗ ପକ୍ଷରୁ ଲାଇନର ରାସ୍ତା ପରିବର୍ତ୍ତନ ନେଇ ୧ଲକ୍ଷ ୧୨ ହଜାର ଟଙ୍କାର ଏକ ଖର୍ଚ୍ଚ ଅଟକଳ କରିଥିଲେ। ଜିଲ୍ଲାପାଳ ଏନେଇ ରେଡକ୍ରସ ପାଣ୍ଠିରୁ ମାତ୍ର ୩୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବେ ବଳକା ଟଙ୍କା ବ୍ୟବସ୍ଥା କରିବାକୁ କହିଥିଲେ। ବଳକା ଟଙ୍କା ମହିଳା ଯୋଗାଣ କରିପାରିବେ ନାହିଁ ବୋଲି ଦର୍ଶାଇ ଆତ୍ମହତ୍ୟାକୁ ଆପଣାଇବେ ବୋଲି କହିଥିଲେ। ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ମହିଳାଙ୍କୁ ବୁଝାସୁଝା କରିବା ସହିତ ଅନ୍ୟ କୌଣସି ବ୍ୟବସ୍ଥା କରାଯିବା ନେଇ ଉଚ୍ଚ ଅଧିକାରୀଙ୍କୁ ଅବଗତ କରିବେ ବୋଲି ପ୍ରତିଶୃତି ଦେବା ପରେ ସେ ନିଜ ମାଙ୍କୁ ନେଇ ଘରକୁ ଫେରିଥିଲେ।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ନବରଙ୍ଗପୁର,୧୭।୧୨(ସମିସ): ନବରଙ୍ଗପୁର ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ତରଫରୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୬୩ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ନବରଙ୍ଗପୁର ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅବିବାଭକ ସଂଘର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ପୁଷ୍ପାଞ୍ଜଳି ଗନ୍ତାୟତ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଥିଲେ। ଅନୁଷ୍ଠାନର ଅଧକ୍ଷ ହିତେଶ କୁମାର ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ଶିକ୍ଷକ ପ୍ରଦୀପ କୁମାର ହୋତା ମଞ୍ଚ ସଂଯୋଜନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସାଧନାମୟୀ ସେନାପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିଷ ପିଇ ଆତ୍ମହତ୍ୟା

ବୈପାରୀଗୁଡା, ୧୭।୧୨(ସମିସ): ମାତାଲ ଅବସ୍ଥାରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ୫୫ ବର୍ଷୀୟ ଧନ ମିନାର ବାଳିଆ। ଗତ କାଲି ବିଳମ୍ବି ରାତିରେ ବୈପାରୀଗୁଡା ଥାନା ଅନ୍ତର୍ଗତ ପୂଜାରୀଗୁଡା ପଞ୍ଚାୟତ ଭାଲୁଗୁଡା ଗାଁରେ ଘଟିଛି ଏହି ଘଟଣା। ସ୍ଥାନୀୟ ସରପଞ୍ଚ ସତ୍ୟ ମାଝୀ ଏବଂ ଗ୍ରାମବାସୀ ଏ ଘଟଣା କୁ ନେଇ ଦୁଃଖ ପ୍ରକାର କରିଛନ୍ତି।

## ଚାଷୀଙ୍କୁ ବିହନ ବଣ୍ଟନ

ପାପଡାହାଣ୍ଡି, ୧୭।୧୨(ସମିସ): ପାପଡ଼ାହାଣ୍ଡି ସଦର ନର୍ସରୀ ଠାରେ ଆଜି ଅଞ୍ଚଳର ଚାଷୀଙ୍କୁ ବିଭିନ୍ନ ବିହନ ବଣ୍ଟନ କରାଯାଇଥିଲା । ବ୍ଲକ କୃଷି କାର୍ଯ୍ୟାଳୟ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରର ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ଚାଷୀଙ୍କୁ ଆଳୁ, ମରିଚ, କଦଳୀ ଆଦି ବିହନ ବଣ୍ଟନ କରାଯାଇଥିଲା। ପ୍ରାୟ ୩୦ରୁ ଉର୍ଦ୍ଧ ଚାଷୀଙ୍କୁ ବିହନ ବଣ୍ଟନ କରାଯାଇଥିଲା । ବ୍ଲକ କୃଷି ବିଭାଗର କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଓଲଟିଲା ଟ୍ରକ୍

ରାମନାଗୁଡା,୧୭।୧୨(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ପାରିଖିତି ଘାଟି ନିକଟରେ ଏକ ଚାଉଳ ବୋଝେଇ ଟ୍ରକ ଓଲଟି ପଡିଛି। ଉକ୍ତ ଚାଉଳ ବୋଝେଇ ଟ୍ରକ୍ ରାୟପୁର ଠାରୁ ବିଶାଖାପାଟଣା ପୋର୍ଟକୁ ଯାଉଥିଲା। ଗାଡ଼ିର ଡ୍ରାଇଭର ଓ ହେଲପର ଉଭୟ ସୁରକ୍ଷିତ ଥିବା ଜଣାପଡ଼ିଛି

# ନବରଙ୍ଗପୁର ଜିଲ୍ଲାରେ ଧାନମଣ୍ଡି ଉଦ୍‌ଘାଟିତ

ନବରଙ୍ଗପୁର,୧୭।୧୨ (ସମିସ): ନବରଙ୍ଗପୁର ଜିଲ୍ଲାସ୍ତରୀୟ ଧାନମଣ୍ଡି ବୁଧବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) କାର୍ଯ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା କେବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଯୋଗ ଦେଇଥିଲେ। ଏହି ଅବସରରେ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର , ସରୋଜ କୁମାର ପାତ୍ର ,ରାଜେନ୍ଦ୍ର ତ୍ରିପାଠୀ, ଏଆର୍‌ସିଏସ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଚଳିତ ବର୍ଷ କ୍ୱିଣ୍ଟାଲ ପିଛା ସର୍ବନିମ୍ନ ସାଧାରଣ ଧାନର ମୂଲ୍ୟ ୨୩୬୯ ଟଙ୍କା ଧାର୍ଯ୍ୟ କରାଯାଇ ଥିବା ବେଳେ ଗ୍ରେଡ ‘ ଏ ‘ ଶ୍ରେଣୀର ଧାନ କୁଇଣ୍ଟାଲ ପିଛା ୨୩୮୯“ଟଙ୍କା ଧାର୍ଯ୍ୟ କରାଯାଇଛି ଏବଂ ପ୍ରୋତ୍ସାହନ ରାଶି ୭୩୧ ଟଙ୍କା ଦେବା ନିମନ୍ତେ ସରକାର ଧାର୍ଯ୍ୟ କରାଯାଇଛି। ନବରଙ୍ଗପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କପିଳେନ୍ଦ୍ର ସାସମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଖରିଫ ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲାରେ ଚଳିତ ବର୍ଷ ୧୩ ଲ୍ୟାମ୍ପସ , ୩୭ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଦୁଇଟି ପାଣି ପଞ୍ଚାୟତ ମିଶି ମୋଟ ୫୧ ଏଜେନ୍ସି ଦ୍ୱାରା ଧାନ କ୍ରୟ କରାଯାଉଥିବା ବେଳେ ମୋଟ ୫୮ଗୋଟି ଧାନ ମଣ୍ଡି ରହିଛି ଏବଂ ସେଥିମଧ୍ୟରୁ ୫୦ ଗୋଟି ମଣ୍ଡି କଂକ୍ରିଟ ରୂପରେଖ ସ୍ଥାୟୀ ମଣ୍ଡି ରହିଥିବା ବେଳେ ୮ ଗୋଟି ଅସ୍ଥାୟୀ ବା ଟାର୍ପଲ୍ ଟେଣ୍ଟ ରହିଛି। ୫୮ ଗୋଟି ସ୍ଥାୟୀ ଓ ଅସ୍ଥାୟୀ ଧାନ ମଣ୍ଡି ଦ୍ୱାରା ଚାଷୀ ମାନଙ୍କର ଉତ୍ପାଦିତ ଧାନକୁ ସୁବିକ୍ରିବଟା ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଜିଲ୍ଲାରେ ମୋଟ ୫୦ ହଜାର ୯୧୯ ଜଣ ଚାଷୀ ନିଜ ନାମ ପଞ୍ଜିକରଣ କରିଥିବା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କପିଳେନ୍ଦ୍ର ସାସମଲ ସୂଚନା ଦେଇଛନ୍ତି। ଆଜିର ଏହି ମଣ୍ଡି ଉଦଘାଟନ କାର୍ଯ୍ୟକ୍ରମ ନବରଙ୍ଗପୁର ଆରଏମସି ସଂପାଦକ ଚନ୍ଦ୍ର ସେଠିଆ ପରିଚାଳନା କରିଥିବା ବେଳେ ନବରଙ୍ଗପୁର ସିଏସଓ ଦେବାଶିଷ ମହାନ୍ତି , ଏସିଏସ୍‌ଓ ବିଷ୍ଣୁ ପ୍ରଧାନ , ନବରଙ୍ଗପୁର ବରିଷ୍ଠ ଚାଷୀ ତଥା ବିଶିଷ୍ଟ ଆଇନଜୀବୀ ଝାଡେଶ୍ୱର ଖଡାଙ୍ଗା, ମିଲ ମାଲିକ ସଂଘ ସଭାପତି ପ୍ରଦୀପ ମିଶ୍ର, ଉପ ସଭାପତି ଶଙ୍କର ମିଶ୍ର ,ଚାଷୀ ବୃନ୍ଦାବନ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ ଚାଷୀ ନିୟନ୍ତ୍ରିତ ବଜାର କମିଟି ସୁପର ଭାଇଜର ବି.ଗଙ୍ଗା ରାଓ, ବାବୁନି ପାଲ, କିରାଣୀ ଘନ ନାୟକ, ଆକାଉଣ୍ଟାଣ୍ଟ ନିସଙ୍କ ପଟ୍ଟନାୟକ, ସନ୍ତୋଷ ପାଲଙ୍କ ସମେତ ଆରଏମ୍‌ସିର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।



## ପୋଲ ଉପରୁ ଖସି ଯୁବକ ମୃତ

ଜୟପୁର,୧୭ ।୧୨(ସମିସ): ଜୟପୁର ସଦରଥାନା ଅନ୍ତର୍ଗତ ଅନ୍ତା ଗ୍ରାମର ବାୟାଗୁଡା ନିକଟରେ ଏକ ପୋଲ ଉପରୁ ତଳକୁ ଖସିପଡି ଅନ୍ତା ଗ୍ରାମର ଲଛମନ ବାଘ(୪୮)ଙ୍କ ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁଯାୟୀ ଗତ ରବିବାର ଦିନ ବାୟାଗୁଡା ଓ ଅନ୍ତା ମଧ୍ୟରେ ଥିବା ପୋଲ ନିକଟରେ ଲଛିମନ ଚାଲି ଚାଲି ଯାଉଥିବା ବେଳେ ହଠାତ ଗୋଡ ଖସି ପୋଲ ତଳକୁ ଖସିପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ଏବଂ ଗୁରୁତର ରହିଥିବା ଯୋଗୁଁ ତାଙ୍କୁ କୋରାପୁଟସ୍ଥିତ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା। ଆଜି ଚିକିତ୍ସା ସମୟରେ ତାଙ୍କ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଲିଖିତ ଭାବେ ଅଭିଯୋଗ କ୍ରମେ ଏକ ମାମଲା ରୁଜୁ ହୋଇଥିବା ନେଇ ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ଉମରକୋଟରେ ଧାନମଣ୍ଡି ଉଦ୍‌ଘାଟିତ



ଉମରକୋଟ,୧୭।୧୨ (ସମିସ) ନବରଙ୍ଗପୁର ଜିଲ୍ଲା ଉମରକୋଟ ଠରେ ଆଜି ଖରିଫ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଛି। ଉମରକୋଟ ସ୍ଥିତ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖରିଫ ଧାନ ମଣ୍ଡିର ଶୁଭ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ମିଲ ମାଲିକ ମଣ୍ଡିରୁ ଧାନ ଉଠାଇବାକୁ ସରକାର ବା ପ୍ରଶାସନଙ୍କ ସହିତ ଚୁକ୍ତି କରିନାହାନ୍ତି। ଏହି ବିଷୟରେ ଜିଲ୍ଲାପାଳ ଓ ମିଲ ମଲିକଙ୍କ ସହ ଆଲୋଚନା ହୋଇଛି। ସେମାନେ ଅତି ଶୀଘ୍ର ଧାନ ଉଠାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବୋଲିମନ୍ତ୍ରୀକହିଛନ୍ତି।ଏହିସମୟରେରାଜ୍ୟବିଜେପିଉପସଭାପତିରମେଶଚନ୍ଦ୍ରସାହୁ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଏମପି ପ୍ରତିନିଧି ରାମ ନାୟକ, ଉମରକୋଟ ବ୍ଲକ ଅଧକ୍ଷା, ସୁଶୀଳା ମାଝୀ, ପୌର ଅଧକ୍ଷା ରାଧା ଭତ୍ରା, ପୂର୍ବତନ ପୌର ପରିଷଦର ଅଧକ୍ଷ ପି. ରାବଣା ରାଓ, ଉମରକୋଟ ବ୍ଲକ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର ଯୋଗାଣ ନିରୀକ୍ଷକ ସୁନିଲ କୁମାର ଜେନା, ଲ୍ୟାମ୍ପସ ନିର୍ଦ୍ଦେଶକ ଅସିତ୍ କୁମାର ରାୟ ଓ ମିଲ ମାଲିକ ପ୍ରଶାନ୍ତ ଦାସ, ରାଜେଶ୍ ରାଓ, ଇରଫାନ, ବିଶ୍ୱଜିତ ସରକାର, ପିଣ୍ଟୁ ପାଢ଼ୀ ପ୍ରମୁଖ ମିଳର ଉପସ୍ଥିତ ଥିଲେ।

## ଡେପାଗୁଡ଼ା ଗ୍ରାମରେ ଧାନମଣ୍ଡି ଉଦ୍‌ଘାଟିତ



ଗୁଡାରି, ୧୭।୧୨(ସମିସ): ପ୍ରତି ବର୍ଷ ଭଳି ଏହି ବର୍ଷ ମଧ୍ୟ ଗୁଡାରୀ ବ୍ଲକ୍ ପେଣ୍ଡିଲି ପଞ୍ଚାୟତ ଡେପାଗୁଡା ଗ୍ରାମରୁ ଆରମ୍ଭ ହୋଇଛି ଧାନ ମଣ୍ଡିର ଉଦ୍‌ଘାଟନ। ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆରଏମ୍‌ସି ସେକ୍ରେଟାରୀ ଦଳପତି କାର୍ଜି, ବ୍ଲକ ଯୋଗାଣ ଅଧିକାରୀ ସୁପ୍ରିୟ ସମ୍ବିତ, ରାଜସ୍ୱ ନିରକ୍ଷକ ବି, ସନ୍ତୋଷ, ସରପଞ୍ଚ ରେଣୁକା ଶବର, ଆରଏମ୍‌ସି ଇନଚାର୍ଜ ମୁରଲୀ ରାଓ, ଲ୍ୟାମ୍ପ୍‌ସ ଏମଡି ଦୀପକ କୁମାର ପୂଜାରୀ, ଲ୍ୟାମ୍ପ୍‌ସ ଡାଇରେକ୍ଟର ସନ୍ତୋଷ କଞ୍ଚାଡ଼ା ଉପସ୍ଥିତ ରହି ମଣ୍ଡି ଉଦ୍‌ଘାଟନ କରିଥିଲେ। ଗୁଡାରି ବ୍ଲକରେ ଚାରିଗୋଟି ମଣ୍ଡି ରହିଛି। ଏହି ବର୍ଷ ଶୁକ୍ରବାର ଦିନ ଶିରିଗୁଡା, ଶନିବାର ଦିନ ଏମକେ ରାଇ, ମଙ୍ଗଳବାର ଦିନ ଗୁଡାରୀରେ ଉଦ୍‌ଘାଟନ ହେବ ବୋଲି ଏମ୍‌ଡି ଦୀପକ କୁମାର ପୂଜାରୀ ସୂଚନା ଦେଇଛନ୍ତି। ସେହିପରି ୪ ମଣ୍ଡିରେ ବୁଧବାର, ଶୁକ୍ରବାର, ଶନିବାର, ସୋମବାର ଦିନ ମଣ୍ଡିରେ ଧାନ ବିକ୍ରି କରିପାରିବେ ଲ୍ୟାମ୍ପ୍‌ସ ତରଫରୁ ସୂଚନା ଦେଇଛନ୍ତି। ବିଗତ ବର୍ଷ ଡେପାଗୁଡା ମଣ୍ଡିରେ ୧୫୧ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୮ ୭୦୦ କ୍ୱିଣ୍ଟାଲ ଧାନ ଆଦାୟ ହୋଇଥିଲା। ଚଳିତ ବର୍ଷ ୧୯ ୯ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଏକର ପିଛା ଧାନର ପରିମାଣ ଟୋକନ କମ୍ ଆସିଥିବା ଚାଷୀ ମାନେ ମଣ୍ଡିରେ ଅଭିଯୋଗ କରିଥିଲେ। ଧାନର ଉଚିତ ମୂଲ୍ୟ ପାଇଁ ଶୁଖିଲା ଧାନ ଓ ପରିଷ୍କାର ଏଫଏକ୍ୟୁ ମାନର ଧାନ ମଣ୍ଡିକୁ ଆଣିବା ପାଇଁ ଆରଏମସି ସେକ୍ରେଟାରୀ ଦଳପତି କାର୍ଜି ଚାଷୀଙ୍କୁ କହିଥିଲେ। ସାଧାରଣ ଧାନ, କିସମ ଧାନ କ୍ୱିଣ୍ଟାଲ ପିଛା ଇନପୁଟ ସହାୟତା ମିଶି ୩୧୦୦ ଏବଂ ଗ୍ରେଡ଼ ଏ ଧାନ କିସମ ଧାନ କ୍ୱିଣ୍ଟାଲ ପିଛା ଇନ୍‌ପୁଟ ସହାୟତା ମିଶି ୩୧୨୦ ପାଇବେ ବୋଲି ବ୍ଲକ ଯୋଗାଣ ଅଧିକାରୀ ସୁପ୍ରିୟ ସମ୍ବିତ କହିଥିଲେ। ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

### ମିଲର୍ସଙ୍କ ସହ ଚୁକ୍ତିନାମା ହୋଇନି

# ଖରିଫ ଧାନମଣ୍ଡିର ଶୁଭାରମ୍ଭ

ବିଷମ କଟକ,୧୭।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ବ୍ଲକର ଗୋଜବାହାଲରେ ଚଳିତ ବର୍ଷର ଖରିଫ ଧାନ କ୍ରୟ କରିବା ନିମନ୍ତେ ସରକାରଙ୍କ ତରଫରୁ ଧାନ ମଣ୍ଡି ଶୁଭାରମ୍ଭ ହୋଇଯାଇଛି। ସ୍ଥାନୀୟ ବିଧାୟକ ନିଳମାଧବ ହିକକା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଧାନ ମଣ୍ଡିର ଉଦ୍‌ଘାଟନ କରିଛନ୍ତି। ବିଷମ କଟକ ବ୍ଲକର ଗୋଜବାହାଲ ଠାରେ ସପ୍ତାହର ପ୍ରତ୍ୟେକ ବୁଧବାର ଦିନ ଧାନ କିଣିବା ନିମନ୍ତେ ସ୍ଥାନ ଧାର୍ଯ୍ୟ କରାଯାଇଛି। ସେହିପରି ସୋମବାର ଦିନ ହାଟମୁନିଗୁଡା, ମଙ୍ଗଳବାର ଦିନ ଚାଟିକୋଣା ଓ ଭାଲେରି, ଗୁରୁବାର ଦିନ ଭାଲେରି ଏବଂ ଚାଟିକଣା ଶନିବାର ଦିନ ପୁଣି ହାଟମୁନିଗୁଡା ଠାରେ ମଣ୍ଡି ଖୋଲି ଧାନ କିଣିବା ନିମନ୍ତେ ନିଷ୍ପତି ହୋଇଛି। ଗୋଜବାହାଲର ପ୍ରତ୍ୟେକ ମଣ୍ଡିରେ ୪୦୦୦ କ୍ୟୁଣ୍ଟାଲ, ଭାଲେରି ମଣ୍ଡିରେ ୪୫୦୦ କ୍ୱିଣ୍ଟାଲ, ହାଟମୁନିଗୁଡା ମଣ୍ଡି ରେ ୪୫୦୦ କ୍ୱିଣ୍ଟାଲ ଏବଂ ହାତମୁନିଗୁଡା ମଣ୍ଡି ୩୦୦୦ କ୍ୟୁଣ୍ଟାଲ ଧାନ ଚାଷୀଙ୍କ ଠାରୁ କ୍ରୟ କରାଯିବ। ଚାଷୀ ମଣ୍ଡିରେ ଧାନ ବିକ୍ରି କରିବା ସମୟରେ କୌଣସି ତ୍ରୁଟି ଦେଖାଦିଏ, ସେଥିପାଇଁ ମଣ୍ଡିରେ ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଛି। ମଣ୍ଡିରେ ତ୍ରୁଟି ଦେଖାଗଲେ ୧୯୬୭ ହେଲ୍ପ ଲାଇନ ନମ୍ବରକୁ ଫୋନ୍ କରି ସିଧା ସଳକ ଅଭିଯୋଗ କରିପାରିବେ ଚାଷୀ। ବିଷମ କଟକ



ବ୍ଲକ୍‌ରେ ମୋଟ ୨୭୫୨ ଚାଷୀ ମଣ୍ଡି ପଞ୍ଜିକୃତ କରିଛନ୍ତି। ଆଜିର ଏହି ମଣ୍ଡିର ଉଦ୍‌ଘାଟନୀ ପର୍ବରେ ଚଞ୍ଚଡାଗୁଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଚଞ୍ଚଳା ୱାଡ଼କା, ଆଦିବାସୀ ମହାସଂଘର ସଭାପତି ଅଙ୍ଗଦ କୁଟ୍ରୁକା, ବିଜେପିର ବରିଷ୍ଠ ନେତା ସୁବାସ ଚନ୍ଦ୍ର ବକ୍ସି ବରିଷ୍ଠ ଚାଷୀ ଜି. ମୋହନ ରାଓ, ଜୟରାମ ଉଲ୍ଲାକା. ପି ନାଗେଶ୍ୱର ରାଓ, ବ୍ଲକ ଯୋଗାଣ ଅଧିକାରୀ ଧିରେନ ସାହୁ, ବିଷମ କଟକ ଲ୍ୟାମ୍ପ ଏମ୍.ଡି ସାନ୍ତୁନୁ କୁମାର ସାହୁ, ଙ୍କ ସମେତ ଲ୍ୟାମ୍ପ ଡାଇରେକଟର ତ୍ରିନାଥ ଗୌଡ, ଜି. ପ୍ରଦୀପ କୁମାର ଜଗନ୍ନାଥ ପାଢ଼ୀ, ଶାବେଲି ଭୁବନ, ସାଙ୍ଗନା ମଣ୍ଡିକା, ଶାଖା ପରିଚାଳକ ଶ୍ରୀନିବାସ ନାୟକ, ଶିବପ୍ରସାଦ ପଣ୍ଡୁସାହୁ, ପବନ ପରାଲୁ, ଡାଟା ଏଣ୍ଟ୍ରି ସୁରେଶ କୁମାର ଶୌଳନ୍ଦ୍ରି ଏବଂ ଦୁଇଜଣ ନିୟନ୍ତଣ ବଜାର କମିଟି କର୍ମଚାରି ସାଙ୍ଗକୁ ଶତାଧିକ ଚାଷୀ ଉପସ୍ଥିତ ଥିଲେ। ବିଷମ କଟକ ଅଞ୍ଚଳର ବହୁ ଚାଷୀ ଉଦ୍‌ଘାଟନି ପର୍ବରେ ଯୋଗ ଦେଇ ଚଳିତ ବର୍ଷର ମଣ୍ଡିରେ କେଉଁ ପଦ୍ଧତିରେ ଧାନ କ୍ରୟ କରାଯିବ ସେ ସମ୍ବନ୍ଧରେ କ୍ରୟକାରୀ ସଂସ୍ଥା ଠାରୁ ପଚାରି ବୁଝିଥିଲେ। ଚଳିତ ବର୍ଷ ସାଧାରଣ କିସମର ଧାନକୁ ୨୩୦୦ଟଙ୍କା ଏବଂ ଏ ଗ୍ରେଡ୍ ଧାନକୁ ଟଙ୍କାରେ ୨୩୨୦ ଟଙ୍କାରେ କଣିବା ନିମନ୍ତେ ସରକାର ଦର ଧାର୍ଯ୍ୟ କରିବା ସହ କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତ ପ୍ରଦାନ କରିବା ନିମନ୍ତେ ଧାର୍ଯ୍ୟ ହୋଇଛି। ନୂତନ ଭାବେ ସରକାର ଇନ୍‌ପୁଟ୍ ସହାୟତ ୬୯ ଟଙ୍କାକୁ ବଢ଼ାଇ ଥିବା ବେଳେ ତାହା ଚାଷୀ ପାଇବେ କି ନାହିଁ ତାହା କୌଣସି ସ୍ୱଷ୍ଟ ହୋଇନାହିଁ। ମଣ୍ଡିରେ ଏଫଏକ୍ୟୁ ମାନର ଧାନ କ୍ରୟ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ମଣ୍ଡି ସମୟରେ କୌଣସି ଚାଷୀଙ୍କୁ ଟୋକେନ ଆସିନଥିବାରୁ ଚାଷୀ ଧାନ ରଖିବା ନିମନ୍ତେ ମଣ୍ଡି ସ୍ଥଳରେ କୌଣସି ସୁବିଧା ନାହିଁ। ଆସନ୍ତା ୨୩ ତାରିଖରେ ବିକ୍ରି କରିବା ପାଇଁ ଚାଷୀଙ୍କ ଟୋକେନ୍ ଆସିଥିବାରୁ କୌଣସି ଚାଷୀ ପ୍ରଥମ ଦିନ ମଣ୍ଡିରେ ନିଜ ଧାନ ବିକ୍ରି କରିପାରିନାହାନ୍ତି। ଫଳରେ ଚାଷୀମାନେ ଅସନ୍ତୋଷ ବ୍ୟକ୍ତି କରିଥିଲେ। ଆଗାମୀ ଦିନରେ ଚାଷୀ ତାର ଅମଳ ହୋଇଥିବା ଧାନକୁ ସୁବିଧାରେ ମଣ୍ଡିରେ ବିକ୍ରି କରିପାରୁଛି କି ନାହିଁ ତାହା ଆଗାମୀ ଦିନର ମଣ୍ଡିରେ ଜଣାପଡିବ। ବର୍ତମାନ ସୁଦ୍ଧା ବ୍ଲକର କୌଣସି ଗୋଟିଏ ହେଲେ ମିଲ କଷ୍ଟମ ମିଲିଙ୍ଗ କରିବା ନିମନ୍ତେ ସରକାରଙ୍କ ସହ ଚୁକ୍ତିନାମା ସାକ୍ଷର କରିନାହାନ୍ତି। ଏଭଳି କ୍ଷେତ୍ରରେ ଚଳିତ ବର୍ଷ ଧାନ କିଣା ଠିକ୍‌ରେ ହେବ କି ନାହିଁ ତାକୁ ନେଇ ଚାଷୀକୁଳ ଚିନ୍ତାରେ ପଡ଼ିଛନ୍ତି।

## ଚିତ୍ରାଙ୍କନ, ତର୍କ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା

ମାଲକାନଗିରି, ୧୭।୧୨(ସମିସ): ସ୍ଥାନୀୟ ବୁଟିଗୁଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ନିରନ୍ତର ବିକାଶ ଲକ୍ଷ୍ୟର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ତରଫରୁ ଏକ ଚିତ୍ରାଙ୍କନ, ତର୍କ ଓ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁନିୟର ଗ୍ରୁପରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏବଂ ସିନିୟର ଗ୍ରୁପରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟର ଉପ-ନିର୍ଦ୍ଦେଶକ ଶ୍ରୀ ଗୋଲକ ଚନ୍ଦ୍ର ଦଲାଇ ପରିଚାଳନା କରିଥିଲେ ଏବଂ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ, କର୍ମଚାରୀ ଓ ବୁଟିଗୁଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଜୁନିୟର ଗ୍ରୁପରେ ଅର୍ଜୁନ ହନ୍ତାଳ ପ୍ରଥମ, କୃଷ୍ଣ ଶୀଶା ଦ୍ୱିତୀୟ, ଆଶିଷ କୁମାର ସାବତ ତୃତୀୟ ସ୍ଥାନ ହାସଲ



କରିବା ସ୍ଥଳେ ତରୁଣ ଜିରାମ, ସୁକାନ୍ତ ସୋଡି ସାନ୍ତ୍ୱନା ମୂଳକ ପୁରସ୍କାର ପାଇବା ପାଇଁ ଚୟନ ହୋଇଛନ୍ତି। ପୁନଶ୍ଚ, ସିନିୟର ଗ୍ରୁପରେ ଦିନେଶ କୁମାର ସାହୁ ପ୍ରଥମ, କୃଷ୍ଣ ମୁଦୁଲି ଦ୍ୱିତୀୟ, ଅମୃତ ମଣ୍ଡଳ ତୃତୀୟ ସ୍ଥାନ ହାସଲ କରିବା ସ୍ଥଳେ ପିଣ୍ଟୁ ମାଡକାମୀ ଓ କୁମାରୀ ତୁଳସୀ ମଣ୍ଡଳ ସାନ୍ତ୍ୱନା ମୂଳକ ପୁରସ୍କାର ପାଇବା ପାଇଁ ଚୟନ ହୋଇଛନ୍ତି। ତର୍କ ପ୍ରତିଯୋଗିତା ଜୁନିୟର ଗ୍ରୁପ୍‌ରେ କୁମାରୀ ସୋନାକ୍ଷୀ ମହାପାତ୍ର ଓ କୁମାରୀ ସୁପ୍ରଭା ନାୟକ ପ୍ରଥମ, କୁମାରୀ ଆୟୁଷୀ ପଣ୍ଡା ଦ୍ୱିତୀୟ , କୁମାରୀ ଶ୍ୱେତା ଶତରୂପା ପଣ୍ଡା ତୃତୀୟ ସ୍ଥାନ ହାସଲ କରିବା ସ୍ଥଳେ କୁମାରୀ ଶ୍ରଦ୍ଧା କୀର୍ତ୍ତନିୟା, ତ୍ରିନାଥ ମଟାମ ଓ କୁମାରୀ ନମ୍ରତା ନିହାରିକା ସାନ୍ତ୍ୱନା ମୂଳକ ପୁରସ୍କାର ପାଇବା ପାଇଁ ଚୟନ ହୋଇଛନ୍ତ। ପୁନଶ୍ଚ ସିନିୟର ଗ୍ରୁପରେ ରୁଦ୍ର ପ୍ରସାଦ ଗୌଡ ପ୍ରଥମ, କୁମାରୀ ବିଦିଶା ମହାନ୍ତି ଦ୍ୱିତୀୟ, ଓମ୍ ମହାନ୍ତି ଓ କୁମାରୀ ତେଜସ୍ୱିନୀ ମିଶ୍ର ତୃତୀୟ ସ୍ଥାନ ହାସଲ କରିବା ସ୍ଥଳେ ଶିବ ମଟାମ, କୁମାରୀ ତପସ୍ୱିନୀ ଓଝା ଓ ତୋଫାନ ଚୌଧୁରୀ ସାନ୍ତ୍ୱନା ମୂଳକ ପୁରସ୍କାର ପାଇବା ପାଇଁ ଚୟନ ହୋଇଛନ୍ତି। ପ୍ରଶ୍ନୋତ୍ତର ପ୍ରତିଯୋଗିତା ଜୁନିୟର ଗ୍ରୁପରେ ଦିବାକର ମଣ୍ଡଳ ପ୍ରଥମ, କୁମୁଦ ପି. ଅଜମେରା ଦ୍ୱିତୀୟ , କୁମାରୀ ରଶ୍ମିତା ପଡିଆରି ତୃତୀୟ ସ୍ଥାନ ହାସଲ କରିବା ସ୍ଥଳେ କୁମାରୀ ନମ୍ରତା ନିହାରିକା, କ୍ରୀଷ୍ଣା ସରକାର, କୁମାରୀ ଅନ୍ନପୂର୍ଣ୍ଣା ତ୍ରିପାଠୀ ଓ ଜଗମୋହନ ସ୍ୱାଇଁ ସାନ୍ତ୍ୱନା ମୂଳକ ପୁରସ୍କାର ପାଇବା ପାଇଁ ଚୟନ ହୋଇଛନ୍ତି। ପୁନଶ୍ଚ, ସିନିୟର ଗ୍ରୁପରେ କୁମାରୀ ପରାୟଣୀ ହଂସଦା ପ୍ରଥମ, କୁମାରୀ ଶୁଭଶ୍ରୀ ଇସାଲବତ ଦ୍ୱିତୀୟ , ମଣିରାମ ଧାରୁଆ ତୃତୀୟ ସ୍ଥାନ ହାସଲ କରିବା ସ୍ଥଳେ ବାପି ବର୍ମନ , ରମେଶ ମାଡକାମୀ ଓ କୁମାରୀ ତେଜସ୍ୱନୀ ମିଶ୍ର ସାନ୍ତ୍ୱନା ମୂଳକ ପୁରସ୍କାର ପାଇବା ପାଇଁ ଚୟନ ହୋଇଛନ୍ତି।

## ମାଲକାନଗିରି ଜିଲ୍ଲାରେ ଶୀତ ଲହରୀ

ମାଲକାନଗିରି,୧୭।୧୨(ସମିସ): ଶୀତରେ ଥରୁଛି ସମଗ୍ର ମାଲକାନଗିରି ଜିଲ୍ଲା। ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ କାଠ ବାଉଁଶ ନିଆଁ ଜାଳି ବସୁଛନ୍ତି ଗାଁ ଗହଳି ଓ ସହରର ଲୋକେ। ଗତ ତିନିଦିନ ଦିନ ହେଲା ସମଗ୍ର ମାଲକାନଗିରି ଜିଲ୍ଲାରେ ଶୀତ ସହିତ କୁହୁଡି ଦେଖାଦେଇଥିବା ବେଳେ ଭୋରୁ ମାଲକାନଗିରି ସହରରେ ପ୍ରାୟ ଶୂନଶାନ ଦେଖାଯାଉଛି। ବାହରକୁ ଭୀଷଣ ଥଣ୍ଡା ହାତ ଗୋଡ ହେମାଳ ହୋଇ କାଲୁଆ ମାରି ଦେଉଥିବାରୁ ଗ୍ରାମବାସୀ। ଛୋଟ ଛୋଟ ପିଲାମାନେ କାଠ ଗଣ୍ଡିରେ ନିଆଁ ଲଗାଇ ତାର ଚାରି ପଟେ ଘେରି ନିଆଁ ପିଉଁ ଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ସାଧାରଣତ ମାଲକାନଗିରି ଜିଲ୍ଲାରେ ଏହି ସମୟରେ ୩୦ରୁ ୩୨ଡିଗ୍ରୀ ତାପମାତ୍ରା ରହିଥାଏ। ଜିଲ୍ଲାବସୀ ଦିନବେଳା କେବେ ବି ସାଲ କିମ୍ବା ଜ୍ୟାକେଟ୍ ପିନ୍ଧି ନଥାନ୍ତି। ଭୋରୁ ତାପମାତ୍ରା ୧୪ଡିଗ୍ରୀକୁ ଖସି ଆସିଥିବାରୁ ପରିସ୍ଥିତ ସଙ୍ଗୀନ ହୋଇ ପଡିଥିଲା। ଜିଲ୍ଲାବାସୀ ଦିନତମାମ ଜ୍ୟାକେଟ ପିନ୍ଧି ସାଲ ଘୋଡେଇ ହୋଇ ନିଜ ନିଜ କାମକରୁଥିବାର ଦେଖିବାକୁ ମିଳିଥିଲା। ଦୋକାନ୍ ବଜାର ଗୁଡିକ ଶୀତ ଯୋଗୁ ଦିନ ୮ଟା ପରେ ଖୋଲିଥିଲା। ଚଳିତ ବର୍ଷ ଜିଲ୍ଲାରେ ଶୀତ ଆରମ୍ଭ ହୋଇ ଯାଇଥିଲେ ବି ଗରିବ ଆଦିବାସୀ ଲୋକମାନଙ୍କର ଶୀତବସ୍ତ୍ର ନଥିବାରୁ ଶୀତ ଦାଉରୁ ରକ୍ଷାପାଇବା ପାଇଁ ସେମାନେ ଘର ଆଗରେ ବଡ଼ ବଡ଼ କାଠଗଣ୍ଡି ଜାଳି ନିଆଁ ଚାରି ପାଖରେ ବସି ନିଜଦେହକୁ ସେକି ହେଉଥିବାର ଦେଖାଯାଉଛି। ଏମିତି କି ରାତ୍ରରେ ସେହି ନିଆଁ ଚତୁଃପାଶ୍ୱର୍ରେ ପରିବାର ସହ ଶୋଇ ଯାଇଥାନ୍ତି। ଗରିବ



ଲୋକଙ୍କ କମ୍ବଳ ପାଲଟିଛି କାଠ ନିଆଁ। ଜିଲ୍ଲାପ୍ରଶାସନ ପକ୍ଷରୁ ଗରିବ ଲୋକମାନଙ୍କୁ ଶୀତବସ୍ତ୍ର ପ୍ରଦାନ ପାଇଁ ଦାବି ହେଉଛି। ମାଲକାନଗିରି ଜିଲ୍ଲାସଦର ମହକୁମା ଠାରେ ଗରିବ ଆଦିବାସୀ ମହିଳା ଓ ପିଲା ମାନେ ଘର ଆଗରେ କାଠଗଣ୍ଡି ଜାଳି ତାର ଚାରିପାଖରେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ବସି ନିଆଁ ରେ ସେକିହେଉଥିବାର ଦେଖିବାକୁ ମିଳୁଛି। ଉତ୍ପ୍ତ ସହର ଭାବେ ପରିଚିତ ମାଲକାନଗିରି ଜିଲ୍ଲାରେ ଗତ କିଛି ଦିନହେଲା ଶୀତର ଲହରୀ ଦେଖା ଦେଇଥିବାରୁ ବିଭିନ୍ନ ସ୍ଥାନରେ ବ୍ୟବସାୟୀ ମାନେ ଶୀତବସ୍ତ୍ର ବିକ୍ରୀର ପସରା ମେଲି ଦେଇଛନ୍ତି। ବିଶେଷ କରି ସୁଦୂର ଉତରପ୍ରଦେଶ, ରାଇପୁର ରୁ ଟ୍ରକବୋଝେଇ ଶୀତବସ୍ତ୍ର ଧରି ବ୍ୟବସାୟୀ ମାନେ ମାଲକାନଗିରିରେ ପହଁ ଜ୍ୟାକେଟ, ସାଲ, କମ୍ବଳ, ସୁଇଟର, ମଫଲର, ଟୋପି ଆଦି ଶୀତବସ୍ତ୍ର ବିକ୍ରି ଆରମ୍ଭ କରି ଦେଇଛନ୍ତି।

## ୮ ଟି କେନ୍ଦ୍ରରେ ଓଟିଇଟି ପରୀକ୍ଷା

ମାଲକାନଗିରି,୧୭।୧୨(ସମିସ): ମାଲକାନଗିରି ଜିଲ୍ଲାରେ ଆଜି ୮ଟି କେନ୍ଦ୍ରରେ ୨୫୯୭ ପରୀକ୍ଷାର୍ଥୀଙ୍କୁ ନେଇ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସୂଚନା ଅନୁସାରେ ପ୍ରଥମ ପେପର ସକାଳ ସାଢେ ୮ଟାରୁ ୧୧ ଘଣ୍ଟିକା ପର୍ଯ୍ୟନ୍ତ ହୋଇଥିଲା। ୩ଟି କେନ୍ଦ୍ରରେ ୭୪୬ ପରୀକ୍ଷାର୍ଥୀଙ୍କ ପରୀକ୍ଷା ହେବାକୁ ଥିଲାବେଳେ ୮ଟି କେନ୍ଦ୍ରରେ ୧୮୫୧ ଜଣ ଅପରାହ୍ନ ସାଢେ ୧ଟାରୁ ୪ ଘଣ୍ଟିକା ଦ୍ୱିତୀୟ ପେପର ଦେବାର ବ୍ୟବସ୍ଥା ହୋଇଥିଲା। ପ୍ରଥମ ପେପରରେ ୬୯୪ ଉପସ୍ଥିତି ଏବଂ ୫୨ ଜଣ ଅନୁପସ୍ଥିତ ଥିଲେ। ଦ୍ୱିତୀୟ ପେପରରେ ୧୭୭୨ ଉପସ୍ଥିତ ସହ ୭୯ ପରୀକ୍ଷାର୍ଥୀ ଅନୁପସ୍ଥିତି ଥିଲେ। ବୋର୍ଡ ତରଫରୁ ଅନନ୍ତ ଚରଣ ସୋରେନ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ମାଲକାନଗିରି ମଞ୍ଜୁଲତା ଭୋଇ କେନ୍ଦ୍ର ସ୍କ୍ୱାର୍ଡ ଦଳ ରୂପେ ସମସ୍ତ ବ୍ୟବସ୍ଥା ଦେଖି କୌଣସି କେନ୍ଦ୍ରରେ ଅନିୟମିତତା ହୋଇନଥିବାର ସୂଚନା ଦେଇଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, ପୁଲିସ ଅଧିକ୍ଷକ ବିନୋଦ ପାଟିଲ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ଜିଲ୍ଲା ନୋଡାଲ ଅଫିସର ରୂପେ ୮ଟି ପରୀକ୍ଷା କେନ୍ଦ୍ର ଯଥା ସରକାରୀ ଉଚ୍ଚ ବିଦ୍ୟାଳୟ ମାଲକାନଗିରି, ନୋଡାଲ ଉଚ୍ଚ ବିଦ୍ୟାଳୟ ମାଲକାନଗିରି, ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମଭି ୭ ତମସା, ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ଏମଭି ୯ ଗୌଡଗୁଡ଼ା, ଏସ୍‌ଏସ୍ ଡି ବାଳିକା ଉଚ୍ଚ ବିଦ୍ୟାଳୟ ସତୀଗୁଡ଼ା , ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପାଣ୍ଡରିପାଣି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସିନ୍ଧରିମାଳ ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏମ୍‌ଭି ୧୫ କେନ୍ଦ୍ରର ପରୀକ୍ଷା ପୂର୍ବରୁ ଜଳ, ସିସିଟିଭି, ପୋଲିସ ମୁତୟନ ଆଦି ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତଦାରଖ କରିଥିଲେ।

## ବୁଢ଼ାଗୁଡା ଆରଏମ୍‌ସି ଧାନମଣ୍ଡି ଉଦ୍‌ଘାଟିତ

କଲ୍ୟାଣସିଂହପୁର, ୧୭।୧୨(ସମିସ): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବୁଢ଼ାଗୁଡା ପଞ୍ଚାୟତରେ ଥିବା ନିୟନ୍ତ୍ରିତ ବଜାର କମିଟି( ଆରଏମ୍‌ସି)ଠାରେ ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ୨୦୨୫-୨୬ ଖରିଫ ଋତୁ ନିମନ୍ତେ ଧାନ ମଣ୍ଡି ଉଦ୍‌ଘାଟନ କରାଯାଇଛି। ଏଥିରେ ଲ୍ୟାମ୍ପ୍‌ସ ସଭାପତି ଶଙ୍କର ହୁଇକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ତହସିଲଦାର ମାନସ ରଞ୍ଜନ ମାନସେଠ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ନୀଳକଣ୍ଠ ବେହେରା, ଜିଲ୍ଲା ପରିଷଦ ସଭ୍ୟ ବି ୱାରା ପ୍ରସାଦ ରାଓ, ଏମ ଆଇ ଅନିଲ କୁମାର ଗମାଙ୍ଗ, ଲ୍ୟାମ୍ପ୍‌ସର ଏସଆରସି ଏସ ଜି. କ୍ରିଷ୍ଣା ମୂର୍ତ୍ତି, ସାଂସଦ ପ୍ରତିନିଧି କୁମାର ସ୍ୱାମୀ କୌଶଲ୍ୟା,



ବରିଷ୍ଠ ଚାଷୀ ଗୋପୀନାଥ ପେରିସିକା, ଦାଶରଥି ନାୟକ, ବିନାୟକ କୁଲସିକା, ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ବସନ୍ତ କୁମାର ପାଳ ମଞ୍ଚାସୀନ ରହିଥିଲେ। ଚାଷୀକୁ ମିଲର ବା ଆରଏମ୍‌ସି ପକ୍ଷରୁ ଅଖାବସ୍ତା ଯୋଗାଇ ଦେବାର ଅଛି। ମଣ୍ଡିରେ ଧାନ କିଣିବା ପରେ ୭୨ ଘଣ୍ଟା ମଧ୍ୟରେ ଚାଷୀକୁ ଟଙ୍କା ଆସିବାର ଅଛି ବୋଲି ଚାଷୀ କହିଛନ୍ତି। ସୋମବାର ଓ ମଙ୍ଗଳବାର ମଣ୍ଡିକୁ ବୁଢ଼ାଗୁଡା ଆରଏମ୍‌ସି ୟାର୍ଡକୁ ମାଝୀଗୁଡା ,ପୂଜାରିଗୁଡା, ସୁନାଖଣ୍ଡି ,ପୋଲମା, କନ୍ଧ କାତିପାଡୁ ପଞ୍ଚାୟତରେ ଚାଷୀ ଧାନ ଆଣିବା ପାଇଁ କୁହାଯାଇଥିବା ବେଳେ ଉକ୍ତ ଆରଏମ୍‌ସି ୟାର୍ଡକୁ ବୁଧବାର ଓ ଗୁରୁବାର ମଣ୍ଡିକୁ ବୁଡାଗୁଡା ,ଶିକରପାଇ, ନାରାୟଣ ପୁର ,କରପା, ସେରିଗୁମ୍ମା ପଞ୍ଚାୟତର ଚାଷୀ ଧାନ ଆଣିବେ। କଲ୍ୟାଣସିଂହପୁର ଡାକବଙ୍ଗଳାଠାରେ ମଶନିବାର ଓ ଶୁକ୍ରବାର ମଣ୍ଡିକୁ କଲ୍ୟାଣସିଂହପୁର, ଧାମୁଣି ପଙ୍ଗା, ସିଙ୍ଗାରି ,ପାର୍ଶାଲି ପଞ୍ଚାୟତର ଚାଷୀ ଧାନ ଆଣିବେ ବୋଲି କୁହାଯାଇଛି। ସାଧାରଣ କିସମ ଧାନ କ୍ୱିଣ୍ଟାଲ ପିଛା ୨୩୬୯ ଟଙ୍କା , ଗ୍ରେଡ ଏ କିସମ ଧାନ କୁଇଣ୍ଟାଲ ପିଛା ୨୩୮୯ ଟଙ୍କା ଓ ଇନପୁଟ ସହାୟତା ୮୦୦ଟଙ୍କା ସରକାରୀ ମୂଲ୍ୟ ରହିଥିବା ଅତିଥିମାନେ କହିଛନ୍ତି। ଏଥିରେ ମିଲର , ଚାଷୀ ଓ ନିୟନ୍ତ୍ରିତ ବଜାର କମିଟିର ଅଧିକାରୀ, ଲ୍ୟାମ୍ପ୍‌ସ ଏମ୍‌ଡି ତାରିଣୀ ପ୍ରସାଦ ତ୍ରିପାଠୀ ଓ ଲ୍ୟାମ୍ପ୍‌ସର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

### ଏସ୍‌ୟୁଜେ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ

## ସତ୍ୟ, ନ୍ୟାୟ ଓ ମାନବିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବାରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାୟଗଡ଼ା,୧୭।୧୨(ସମିସ): ରାୟଗଡ଼ାର ସ୍ଥାନୀୟ ଲାୟନ୍ସ କ୍ଲବ ଠାରେ ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ଓଡିଶା, ରାୟଗଡ଼ା ଜିଲ୍ଲା ଶାଖାର ୫ମ ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଭବ୍ୟ ଓ ସୁସଂଗଠିତ ଭାବରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ସଭାପତି ଶିବ ନାରାୟଣ ଗଉଡ଼ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଂଜନ କହଁର, ରାୟଗଡ଼ା ସମନ୍ୱିତ ଆଦିବାସୀ ସଂସ୍ଥା, ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝିଙ୍କ ସମେତ ରାଜ୍ୟ ସାମ୍ବାଦିକ ସଂଘ କାର୍ଯ୍ୟକାରିଣୀ ସଭାପତି କୀର୍ତିଚନ୍ଦ୍ର ସାହୁ, ରାଜ୍ୟ ଉପସଭାପତି ମହେନ୍ଦ୍ର କୁମାର ଦର୍ଜୀ, ରାଜ୍ୟ ସଂପାଦକ ବିଭୁପ୍ରସାଦ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ବିଜୟ ମହାରଣା, ଜିଲ୍ଲା ସାଧାରଣ ସଂପାଦକ ସୁବାଷ ଚନ୍ଦ୍ର ସୂର୍ଯ୍ୟପ୍ରମୁଖମଞ୍ଚାସୀନହୋଇଥିଲେ। ଏହିଅବସରରେଜିଲ୍ଲା ସଂଘର ୫୦ଜଣ ସଭ୍ୟଙ୍କୁ ପରିଚୟ ପ୍ରମାଣ ପତ୍ର, ଆଇଡି କାର୍ଡ ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରର ଛାତ୍ରୀମାନଙ୍କ




ଦ୍ୱାରା ପ୍ରାରମ୍ଭିକ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ସଂଘ ସଭାପତି ଶ୍ରୀ ଗଉଡ ତାଙ୍କ ଅଭିଭାଷଣରେ ସତ୍ୟ ନିଷ୍ଠା ଓ ମୂଲ୍ୟବୋଧମୂଳକ ସାମ୍ବାଦିକତାର ଆବଶ୍ୟକତା ଉପରେ ଜୋର ଦେଇ ସାମ୍ବାଦିକତା ସମାଜର ଆଇନା ଭାବରେ କାର୍ଯ୍ୟ କରେ ଏବଂ ଲୋକତନ୍ତ୍ରକୁ ସୁଦୃଢ କରିବାରେ ଏହାର ଭୂମିକା ଅପରିସୀମ ବୋଲି କହିଥିଲେ। ସାଧାରଣ ସଂପାଦକ ସୂର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ମୂଲ୍ୟବୋଧ ଭିତିକ ସାମ୍ବାଦିକତା ଏକ ଆହ୍ୱାନ ଶୀର୍ଷକ ବିଷୟବସ୍ତୁ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସାମ୍ବାଦିକମାନେ ସମ୍ବାଦ ପରିବେଷଣରେ ଅତି ଦାୟିତ୍ୱବାନ ହେବା ଉଚିତ, ବିଶେଷ କରି ଲୋକଙ୍କ ସମସ୍ୟା, ଲୋକଙ୍କ କଥା, ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ସତ୍ୟ ଓ ତଥ୍ୟମୂଳକ ଖବର ପରିବେଷଣ କଲେ ଅଞ୍ଚଳର ବିକାଶ ହେବ, ସମସ୍ୟାଗୁଡିକର ସମାଧାନ ହେବାରେ ସହାୟକ ହୋଇପାରିବ ବୋଲି କହିଥିଲେ। ପ୍ରଶାସନିକ ସ୍ତରରେ କୌଣସି ଦୋଷ ଦୁର୍ବଳତା ଥିଲେ ସାମ୍ବାଦିକମାନେ ନିଜ ଲେଖନୀରେ ଗଠନମୂଳକ ଓ ତଥ୍ୟ ଭିତିକ ସମାଲୋଚନା କରିବା ଉଚିତ ବୋଲି କହିଥିଲେ। ସେହିପରି ଗଣମାଧ୍ୟମ, ପ୍ରଶାସନ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ଯଦି ସମନ୍ୱୟ ରହିଲେ ଜିଲ୍ଲାର ବିକାଶ ଉଲ୍ଲେଖନୀୟ ଭାବେ ବୃଦ୍ଧି ହୋଇପାରିବ ବୋଲି କହିଥିଲେ। ମୂଲ୍ୟବୋଧ ସାମ୍ବାଦିକତା ପାଇଁ ବୁଦ୍ଧିଜୀବି, ପ୍ରଶାସନ, ପୋଲିସ ଓ ଲୋକ ପ୍ରତିନିଧିଙ୍କ ସହଯୋଗ ଓ ସମର୍ଥନର ଆବଶ୍ୟକ ରହିଛି ବୋଲି ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ଶ୍ରୀ ସାହୁ ନିଜ ବକ୍ତବ୍ୟରେ କହିଥିଲେ। ଏହି ମଞ୍ଚରେ ରାଜ୍ୟ ସଂଘ ପକ୍ଷରୁ ସାମ୍ବାଦିକଙ୍କ ଆଇନଗତ ସୁରକ୍ଷା, ସମ୍ମାନ ଓ ଜୀବନଜୀବିକାର ସୁରକ୍ଷା ଭଳି ଦାବି ଉପରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଶକ୍ତି ଅନୁଷ୍ଠାନର ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ଫଳ ମିଷ୍ଟାନ ବଣ୍ଟନ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମଟି ସଫଳ ଓ ସୁସଂଗଠିତ ଭାବରେ ସମ୍ପନ୍ନ ହୋଇଥିବା ବେଳେ ଉଦ୍‌ଘୋଷକ ତଥା ଗାୟକ ପ୍ରଶାନ୍ତ କୁମାର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସଂଘର ସଭ୍ୟମାନେ ସହଯୋଗ କରିଥିଲେ

## ଅପପୁଷ୍ଟି ମୁକ୍ତ ପଞ୍ଚାୟତ ପ୍ରଶିକ୍ଷଣ ଶିବିର




ରାମନାଗୁଡ଼ା,୧୭।୧୨(ସମିସ): ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ଚାରି ଦିନିଆ ଅପପୁଷ୍ଟି ମୁକ୍ତ ପଞ୍ଚାୟତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ ଶିବିରଟି ଚାରି ଦିନ ଧରି ଚାଲିଥିଲା। ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ନିର୍ଦ୍ଦେଶରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମାଷ୍ଟର ଟ୍ରେନର ଭାବରେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନ ସହୁ, ଶିକ୍ଷକ ରମେଶ ଚନ୍ଦ୍ର ମିଶ୍ର, ସୁପର ଭାଇଜର ସୁବୁଦ୍ଧି ଶବର ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ସେହିପରି ବିପିସି ଅଜିତ କୁମାର ଚୌଧୁରୀ ସହଯୋଗ କରିଥିଲେ। ଏହି ଦିନିକିଆ ତାଲିମ ଶିବିରରେ ସମସ୍ତ ପଞ୍ଚାୟତର ୱାର୍ଡ ମେମ୍ବର, ମହିଳା ସ୍ୱାସ୍ଥ୍ୟ କର୍ମୀ ସମନ୍ୱିତ ଶିଶୁ ବିକାଶ ଯୋଜନା ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଶା, ଏମବିକେ, ସିଆରପି ଥିବା ବେଳେ ପାରିକ୍ଷୀତି, ନିଲାମଗୁଡ଼ା, ପେନେକାମ୍ ଓ ସୁଣ୍ଡିଧାମୁଣି ସମିତି ସଭ୍ୟ ମାନେ ଉପସ୍ଥିତ ରହି ତାଲିମ ନେଇଥିଲେ। ଅପପୁଷ୍ଟୀର ଶିକାର ଜଣେ ବି ବ୍ୟକ୍ତି ଶିକାର ନ ହୁଅନ୍ତି, କେଉଁ ଖାଦ୍ୟ ଖାଇବା ଆବଶ୍ୟକ ,କେଉଁ ଖାଦ୍ୟ ଖାଇଲେ ଅପପୃଷ୍ଟିର ଶିକାର ହେବେ ନାହିଁ ସେ ବିଷୟରେ ମାଷ୍ଟର ଟ୍ରେନର ମାନେ ସମସ୍ତ ସମିତି ସଭ୍ୟ, ସରପଞ୍ଚ ଙ୍କ ସହ ଅଙ୍ଗନୱାଡ଼ି କର୍ମୀ ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଙ୍କୁ ତାଲିମ ପ୍ରଦାନ କରିଥିଲେ।

# ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତି ସ୍ଥାପନକୁ ନେଇ ବିବାଦ




> ଡମ୍ବରୁଧର, ଅନନ୍ତ, କାମିଆଙ୍କ ପ୍ରତିମୂର୍ତ୍ତି କାହିଁକି ସ୍ଥାପନ କରୁନି କଂଗ୍ରେସ - କାଳିରାମ ମାଝି
> ଏମ୍‌ପି ପାରିବାରିକ ରାଜନୀତି କରୁଛନ୍ତି -ବସନ୍ତ ଉଲାକା
> ୨୪ରେ ପ୍ରତିମୂର୍ତି ଉନ୍ମୋଚନ ହେବ - ବିଧାୟକ ଆପଲସ୍ୱାମୀ

ରାୟଗଡା,୧୭।୧୨(ସମିସ): ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତି ଉନ୍ମୋଚନ ନେଇ ତେଜିଛି ରାଜନୀତି। ସ୍ୱର୍ଗତ ରାମଚନ୍ଦ୍ର ଉଲାକା ଅବିଭକ୍ତ କୋରାପୁଟ ଜିଲ୍ଲାରେ ଜଣେ ଟାଣୁଆ ନେତା ହୋଇଥିବା ବେଳେ ସେ ଦୁଇ ଥର କୋରାପୁଟ ଲୋକସଭାରୁ ସାଂସଦ ହେବା ସହିତ ୭ଥର ବିଧାୟକ ରହିଥିଲେ। ତତ୍କାଳୀନ ସରକାରରେ ଜଙ୍ଗଲ ଓ ପରିବେଶ ବିଭାଗ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ରହିଥିଲେ। ରାମଚନ୍ଦ୍ର ଉଲାକା ନିଜ ଶେଷ ସମୟ ପର୍ଯ୍ୟନ୍ତ ରାଜନୀତିରେ ସକ୍ରିୟ ରହି ଅବିଭକ୍ତ କୋରାପୁଟ ଜିଲାର ବିକାଶରେ ଏକ ମୁଖ୍ୟ ପୂରୋଧା ସାଜିଥିଲେ। ରାୟଗଡ଼ା ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳକୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ବ୍ୟବସ୍ଥା କରିବା ସହିତ ସର୍ବଦା ଅଞ୍ଚଳର ବିକାଶ କ୍ଷେତ୍ରରେ ନିଜକୁ ଉତ୍ସର୍ଗ କରିଥିଲେ। ଶିକ୍ଷା କ୍ଷେତ୍ରରେ ମଧ ତାଙ୍କ ଅବଦାନ ଉଲ୍ଲେଖନୀୟ ଥିଲା। ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସେ କାମ କରିଛନ୍ତି। ସେପରି ବ୍ୟକ୍ତିଙ୍କ ପ୍ରତିମୂର୍ତି ସ୍ଥାପନ ହେଲେ ଅସୁବିଧା କଣ ରହିଛି ବୋଲି ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରିଛନ୍ତି ରାୟଗଡା ବିଧାୟକ ଆପଲସ୍ୱାମୀ କାଡ୍ରାକା। ଅନ୍ୟପଟେ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତି ଉନ୍ମୋଚନ ସଂପୂର୍ଣ୍ଣ ଭାବେ ପାରିବାରିକ ବୋଲି କହିଛନ୍ତି ବିଜେପି ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚାର ସାଧାରଣ ସଂପାଦକ କାଳୀରାମ ମାଝି। ଏଥି ସହ ଶ୍ରୀମାଝି, ପ୍ରକାଶ କରିଛନ୍ତି ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତି ଉନ୍ମୋଚନକୁ ସେ ସ୍ୱାଗତ କରୁଛନ୍ତି। କିନ୍ତୁ ସର୍ବସାଧାରଣ ସ୍ଥାନରେ ପ୍ରତିମୂର୍ତି ନ ଲଗାଯାଇ ଦଳୀୟ କାର୍ଯାଳୟରେ ସ୍ଥାପନ କରିଥିଲେ ଭଲ ହୁଅନ୍ତା ବୋଲି କହିଛନ୍ତି। ଏଠି ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତମୂର୍ତ୍ତି ବଦଳରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତି ଉନ୍ମୋଚନ କରିବା କେତେଦୂର ଯୁକ୍ତିଯୁକ୍ତ ତାହା କଂଗ୍ରେସ ଭାବିବା ଆବଶ୍ୟକତା ରହିଛି ବୋଲି ଶ୍ରୀମାଝି ପ୍ରକାଶ କରିଛନ୍ତି। ଏଥିସହ କଂଗ୍ରେସର ଆଦିବାସୀ ନେତା କାମିଆ ମାଣ୍ଡାଙ୍ଗି, ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ଉଲ୍ଲାକା, ଅନନ୍ତରାମ ମାଝିଙ୍କ ପ୍ରତିମୂର୍ତି ସ୍ଥାପନ କାହିଁକି କରୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି କାଳିରାମ ମାଝି। ପୌର ପରିଷଦର ତରଫରୁ ଧରତୀ ଆବ୍‌ବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତି ସ୍ଥାପନ କରିବା ପାଇଁ ଚିହ୍ନଟ ସ୍ଥାନରେ କାହିଁକି ସ୍ୱର୍ଗତ ରାମଚନ୍ଦ୍ର ଉଲ୍ଲାକାଙ୍କ ପ୍ରତିମୂର୍ତି ସ୍ଥାପନ କରାଯିବ ବୋଲି ପ୍ରଶ୍ନ କରିଛନ୍ତି ରାୟଗଡା ବିଧାୟକ ପ୍ରାର୍ଥୀ ବସନ୍ତ ଉଲ୍ଲାକା। ବିର୍ସା ମୁଣ୍ଡାଙ୍କୁ ଅବମାନନା କରି ନିର୍ଦ୍ଧାରିତ ସ୍ଥାନରେ ଅନ୍ୟ ପ୍ରତିମୂର୍ତି ସ୍ଥାପନ କଲେ ବିଜେପି ତରଫରୁ ତାକୁ ବିରୋଧ କରାଯିବ ବୋଲି କହିଛନ୍ତି ବସନ୍ତ। ଚଳିତ ମାସ ୨୪ତାରିଖରେ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତି ଉନ୍ମୋଚିତ ହେବ ଏବଂ ଏଥିରେ ଜାତୀୟ କଂଗ୍ରେସ ଦଳର ବରିଷ୍ଠ ନେତା ଅଜୟ କୁମାର, ସଚିନ୍ ପାଇଲଟ୍, ଓଡ଼ିଶା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ସମସ୍ତ କଂଗ୍ରେସ ବିଧାୟକ ଯୋଗଦେବା ସହିତ ୧୦ ହଜାରରୁ ଅଧିକ କଂଗ୍ରେସ କର୍ମୀ ସମାବେଶ ଏବଂ ଏକ ବିରାଟ ଶୋଭାଯାତ୍ରା ରାୟଗଡ଼ାରେ ହେବ ବୋଲି କହିଛନ୍ତି ବିଧାୟକ ଆପଲସ୍ୱାମୀ କାଡ୍ରାକା। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ରାଜ୍ୟ ସଂପାଦକ ଦୁର୍ଗା ପ୍ରସାଦ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ




କଲ୍ୟାଣସିଂହପୁର,୧୭।୧୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଶିକରପାଇ ପଞ୍ଚାୟତ ସଦର ସରକାରୀ ଉଚ୍ଚ ବିଦ୍ୟାଳୟ ସିକରପାଇରେ ପ୍ରଧାନ ଶିକ୍ଷକ ରଞ୍ଜୀତ୍ କୁମାର ଗିରି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ କ୍ରମେ ତିନି ଦିନ ଧରି ବାର୍ଷିକ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ପୁରଧା କ୍ରୀଡ଼ା ଶିକ୍ଷକ ସାଇଜ୍ୟୋତି ବେହାରାଙ୍କ ନିର୍ଦ୍ଦେଶନାରେ ପ୍ରଥମେ ଗ୍ରାମର ଗ୍ରାମଦେବୀ ମୁତ୍ୟାଲୁ ମାଁଙ୍କ ଠାରୁ ମଶାଲ୍‌କୁ ଶୁଭାରମ୍ଭ କରି ବିଦ୍ୟାଳୟର ପ୍ରାଙ୍ଗଣରେ ସ୍ୱାଗତ କରାଯାଇଛି। ମଞ୍ଚରେ ଥିବା ସମସ୍ତ ଅତିଥି, ବିଦ୍ୟାଳୟ ପରିଚାଳନା କମଟିର ଅଧ୍ୟକ୍ଷ ସୁନୀତା ଲେଙ୍ଗେରୀ, ପଞ୍ଚ ଶିକ୍ଷା ସେତୁ ସଭାପତି ଈଶ୍ୱର ଗୋପାଳ ଚେଟ୍ଟି ଏବଂ ପଞ୍ଚାୟତର ପିଇଓ ପ୍ରଶାନ୍ତ ସାହୁ ଏବଂ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ବଛା ଏବଂ ସମାଜସେବୀ ମାଲେଶ କୌଶଲ୍ୟା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟାନ୍ୟ ସମସ୍ତ କର୍ମଚାରୀ ଯୋଗ ଦେଇ ବାର୍ଷିକ କୀଡ଼ାର ଶୁଭାରମ୍ଭ କରିଥିଲେ। ଏତତ୍ ବ୍ୟତୀତ ଜାତୀୟ ସ୍ତରର ପୁରସ୍କାରପାପ୍ତ ସୁଶ୍ରୀ ବର୍ଷା ମାଳୀ ଏବଂ ରାଜ୍ୟ ସ୍ତରୀୟ ଶକ୍ତି ସଂରକ୍ଷଣ ପ୍ରକଳ୍ପର ପୁରସ୍କାରପ୍ରାପ୍ତ ସିଧୁ ବିଶୋଇଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଧାନ ସଂଗ୍ରହ ଟାର୍ଗେଟ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



କୋରୁକୋଣ୍ଡା, ୧୭ ।୧୨(ସମିସ): ଚଳିତ ବର୍ଷ ଧାନ ଉତ୍ପାଦନ ଭଲ ହୋଇଛି। ସରକାରୀ ଧାନ ସଂଗ୍ରହ ଟାର୍ଗେଟ କମ୍ ଥିବା କାରଣରୁ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଅଞ୍ଚଳର ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ କୋରୁକୋଣ୍ଡା ଲ୍ୟାମ୍ପ୍‌ସ ପକ୍ଷରୁ ଧାନ ସଂଗ୍ରହ ସୀମା ବୃଦ୍ଧି ଦାବି କରି ମାଲକାନଗିରି ଜିଲ୍ଲାପାଳଙ୍କୁ ଏକ ଲିଖିତ ପତ୍ର ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, କୋରୁକୋଣ୍ଡା ଲ୍ୟାମ୍ପ୍‌ସ ଅଧୀନରେ ବର୍ତ୍ତମାନ ଧାନ ସଂଗ୍ରହ ପରିମାଣ ୧୫୦୦ କ୍ୱିଣ୍ଟାଲ ଧାର୍ଯ୍ୟ କରାଯାଇଥିବା ବେଳେ ଚଳିତ ବର୍ଷ ପ୍ରାୟ ୮୦ରୁ ଅଧିକ ନୂତନ ଚାଷୀ ଏହା ସହ ଯୋଡ଼ି ହୋଇଛନ୍ତି। ଧାନ ଉତ୍ପାଦନ ବଢ଼ିଥିବାରୁ ଏହି ସୀମା ଚାଷୀମାନଙ୍କ ପାଇଁ ଅପର୍ଯ୍ୟାପ୍ତ ବୋଲି କୁହାଯାଇଛି। କୋରୁକୋଣ୍ଡା ଲ୍ୟାମ୍ପ୍‌ସର ସଭାପତି ସାଲୁ ଖିଲ୍ଲାଙ୍କ ନେତୃତ୍ୱରେ ଚାଷୀମାନେ ଧାନ ସଂଗ୍ରହ ସୀମାକୁ୧୫୦୦ କ୍ୱିଣ୍ଟାଲରୁ ବଢ଼ାଇ ୨୫୦୦ କ୍ୱିଣ୍ଟାଲ କରିବା, ସପ୍ତାହକୁ ଥରକ ପରିବର୍ତ୍ତେ ଦୁଇଥର ମଣ୍ଡି ବ୍ୟବସ୍ଥା କରିବା ଓ ବର୍ଦ୍ଧିତ ଚାଷୀ ସଂଖ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନେବାକୁ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ତର୍ଲାକୋଟା ଗ୍ରାମପଞ୍ଚାୟତ ନାଏବ ସରପଞ୍ଚ ପଦ୍ମନାଭ ମାଡକାମୀ, ପୂର୍ବତନ ସରପଞ୍ଚ ସୋମନାଥ ବାରସେ ଓ ନରସିଂହ ମାଝୀ, ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ଗୁଣ୍ଡା ସହ କାର୍ତ୍ତିକ ଖେମୁଡୁ, ଆନନ୍ଦ କବାସୀ, ନିଳାଦ୍ରି ହନ୍ତାଳ, ଗୋବିନ୍ଦ ଗୋଲ୍ଲାରୀ, ଗୁରୁ କବାସୀ ଓ ଜଗତ ମାଡକାମୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଚାଷୀମାନଙ୍କ ଏହି ଦାବି ଉପରେ ଜିଲ୍ଲା ପ୍ରଶାସନ କେଉଁ ପଦକ୍ଷେପ ନେବ, ସେଥିପାଇଁ ଚାଷୀମାନେ ଅପେକ୍ଷା କରି ରହିଛନ୍ତି।

## ଟିକିରି ଲ୍ୟାମ୍ପ୍‌ସରେ ଧାନମଣ୍ଡି ଉଦ୍‌ଘାଟିତ



ଟକିରି,୧୭।୧୨(ସମିସ): ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ ଟିକିରି ଲ୍ୟାମ୍ପ୍‌ସଠାର ଚଳିତ ବର୍ଷର ଧାନମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ସଭାପତି ପପୁଲାର ମାଝୀ, କାଶିପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝୀ ଓ ଟିକିରି ମଣ୍ଡଳ ବିଜେପି ସଭାପତି ସନ୍ତୋଷ କୁମାର ବେହେରା ଓ ଜଗଦୀଶ ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୂଜାର୍ଚ୍ଚନା ପରେ ଉଦ୍‌ଘାଟନ କରିଥିଲେ। ବିଗତ ବର୍ଷ ୧୨୬୨୪ କ୍ୱିଣ୍ଟାଲ ଧାନ କିଣା ଯାଇଥିବା ବେଳେ ଚଳିତ ବର୍ଷ ୧୫ ହଜାର କ୍ୱିଣ୍ଟାଲ ଧାନ କିଣିବାକୁ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ୪୬୫ ଜଣ ଚାଷୀ ପଞ୍ଜିକୃତ କରିଛନ୍ତି । ୨୪/୨୫ରେ ୪୩୫ଜଣ ଚାଷୀ ପଞ୍ଜିକୃତ କରିଥିଲେ। ଚାଷୀ ମାନଙ୍କୁ ଖରା ବର୍ଷା ଦାଉରୁ ରକ୍ଷା ପାଇଁ ଅସ୍ଥାୟୀ ସେଡ୍ ତିଆରି ହୋଇଛି। ଶୌଚାଳୟ ଓ ପାନୀୟ ଜଳର ବ୍ୟବସ୍ଥା ମଧ ଲ୍ୟାମ୍ପ୍‌ସ ତରଫରୁ କରାଯାଇଛି। ଆରଏମ୍‌ସି ପକ୍ଷରୁ ସଫା ଓ ମାନ ନିରୁପଣ ଯନ୍ତ୍ର ସହ ଓଜନ ମେସିନ ସବୁ ଯୋଗାଇ ଦିଆଯାଇଛି। ଆରଏମସିରୁ ପ୍ରକାଶ ଚନ୍ଦ୍ର ଆଚାର୍ଯ୍ୟ, ଏମ ଏନ ରାଓ ଏବଂ ଆନାଲିସିସ କର୍ମଚାରୀ ଉପସ୍ଥିତ ଥିଲେ। ସପ୍ତାହକୁ ମଙ୍ଗଳବାର, ବୁଧବାର ୨ଦିନ ଧାନ ମଣ୍ଡିରେ ଧାନ କିଣିଯିବ ବୋଲି ଲ୍ୟାମ୍ପ୍‌ସ ସଭାପତି ପପୁଲାର ମାଝୀ କହିଛନ୍ତି। ଚାଷୀମାନେ ସଫା ଓ ଶୁଖିଲା ଧାନ ଆଣି ସରକାରଙ୍କ ନିର୍ଧାରିତ ମୂଲ୍ୟ ପାଇବେ ବୋଲି ଟିକିରି ଲ୍ୟାମ୍ପ୍‌ସ ର ପରିଚାଳନା ନିର୍ଦ୍ଦେଶ ଗଙ୍ଗାଧର ପ୍ରଧାନୀ କହିଛନ୍ତି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବେଲଧର ମାଝୀ, ପାଟ ମାଝୀ, ଅତିରିକ୍ତ କୃଷି ଅଧିକାରୀ ମଞ୍ଜୁଲତା ସିଂ, ଟିକିରି ଲ୍ୟାମ୍ପ୍‌ସର କର୍ମଚାରୀ ରିଙ୍କୁରାମ ଗୋପାଳ, ମାନସ ମାଝୀ, ରବିଚନ୍ଦ୍ର ମାଝୀ, ଦେବବୃହସ୍ପତି ମାଝୀ, ସ୍ମରଣିକା ପାଢୀ, ଶାନ୍ତିଲତା ସାହୁ, ଗୋପିନାଥ ନାୟକ, ରାଜେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷାସଭା କାର୍ଯ୍ୟକ୍ରମ

ମାଲକାନଗିରି,୧୭ ।୧୨(ସମିସ): ମାଲକାନଗିରି ବ୍ଲକ ଅନ୍ତର୍ଗତ ପଦ୍ମଗିରି ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରରେ ଶିକ୍ଷା ସଭା ତଥା ଆସ ସ୍କୁଲ ଯିବା-୨୦୨୫ କାର୍ଯ୍ୟକ୍ରମ ସିଆର୍‌ସିସି ଜିତେନ୍ଦ୍ର କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୈଲାପାରି ଠାରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନ ଉତ୍ସବରେ ପଦ୍ମଗିରି ଗ୍ରାମପଞ୍ଚାୟତ ସରପଞ୍ଚ ସୁନାଧର ମାଡକାମୀ, ଜିଲ୍ଲା ପରିଷଦ ସଭ୍ୟା କୁନି ଭୂମିଆ, ୱାଡମେମ୍ବର ମହେନ୍ଦ୍ର ମାଡକାମୀ, ମାଲକାନଗିରି ବ୍ଲକ ସଭାପତି ଗୌରୀ ପଡିଆମିଙ୍କ ଦ୍ୱାରା ମହାପ୍ରଭୁ ଜଗନ୍ନାଥଙ୍କ ପାଖରେ ଧୂପଦୀପ ପ୍ରଜ୍ୱଳନ କରି କାର୍ଯକ୍ରମ ଆରମ୍ଭ କରାଯାଇଥିଲା। ଏହି ପଞ୍ଚାୟତର ୫୭ ଜଣ ପିଲାଙ୍କୁ ଡ୍ରପ ଆଉଟ୍ ଓ ନେଭର୍ ଏନ୍‌ରୋଲମେଣ୍ଟ ସିଟିଏସ ସର୍ଭେରୁ ଚିହ୍ନଟ କରାଯାଇଥିଲା। ସେଥିମଧ୍ୟରୁ ୩୭ ଜଣ ଛାତ୍ରଛାତ୍ରୀ ଏସଆଇଓଏସ ଓ ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ବୟସ ଆନୁପାତିକ ଶ୍ରେଣୀରେ ନାମ ଲେଖାଯାଇଛି । ସେହି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ



ଆଜିର ଏହି ଶିକ୍ଷା ସଭା କାର୍ଯକ୍ରମକୁ ଆମନ୍ତ୍ରିତ କରାଯାଇ ସଚେତନର ବାର୍ତ୍ତା ପ୍ରଦାନ କରାଯିବା ସହ ବିଦ୍ୟାଳୟରୁ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରାଯାଇଥିଲା। ଏହାସହ ଏଫ୍‌ଏଲଏଁନ୍ ନିପୁଣ କର୍ଣର ଏସଆଇ ଓ ଏସ କର୍ନର ସ୍କୁଲ ଲେଗସି କର୍ନର୍ ଓ ସି ଡବ୍ଲୁ ଏସ ଏନ୍ନ କର୍ନର ପ୍ରଦର୍ଶନ କରାଯାଇଥିଲା। ବୈଲାପାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶିକ୍ଷା ସଚେତନ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀ ଓ ସହ ଶିକ୍ଷକ ମାନେ ଉପସ୍ଥିତ ରହି କାର୍ଯକ୍ରମକୁ ପରିଚାଳନା ତଥା ସହଯୋଗ କରିଥିଲେ। ସଭା ଶେଷରେ ପ୍ରଧାନ ଶିକ୍ଷକ ଅର୍ଚ୍ଚନା ହାଲବା ଧନ୍ୟବାଦ ଦେଇଥିଲେ।

## ରାୟଗଡ଼ା ବିଜେପି ପ୍ରଭାରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ରାୟଗଡ଼ା,୧୭।୧୨(ସମିସ): ରାୟଗଡ଼ା ଜିଲ୍ଲା ବିଜେପି ପ୍ରଭାରୀ କଡୁରୁ ନାରାୟଣ ରାଓଙ୍କୁ ରାୟଗଡା ଠାରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଗୁଣପୁର ଠାରେ ବିଜେପି କର୍ମୀ ମାନେ ମଧ ଶ୍ରୀରାଓଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହାପରେ ଅମଲାଭଟ୍ଟା ଛକ ନିକଟରେ ଥିବା ବାବାସାହେବ ଅମ୍ବେଦକରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ବିଜେପି କର୍ମୀଙ୍କ ଗହଣରେ ଅମଲାଭଟ୍ଟା ଛକ ଠାରୁ ବାଇକ୍ ରାଲି ଯୋଗେ ରାୟଗଡା ସହର ଅଭିମୁଖେ ଆସିଥିଲେ ଶ୍ରୀରାଓ। ଏହାପରେ ସେହ ରାୟଗଡାର ଇଷ୍ଟଦେବୀ ମା ମଝିଘରିଆଣୀ ମନ୍ଦିର ଯାଇ ମାଁଙ୍କୁ ଦର୍ଶନ କରିଥିଲେ। ଏହା ପରେ ସିରିଗୁଡା ସ୍ଥିତ ଦଳୀୟ ବିଜେପି କାର୍ଯ୍ୟାଳୟ ଠାରେ ପ୍ରଭାରୀ କଡୁରୁ ନାରାୟଣ ରାଓଙ୍କୁ କର୍ମୀ ମାନଙ୍କ ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା ସଭାପତି ଗୋପି ଆନନ୍ଦ, ପୂର୍ବତନ ଜିଲ୍ଲା ସଭାପତି ଶିବ ପଟ୍ଟନାୟକ, ପଦ୍ମନାଭ ଦାଶ, କାଳୀରାମ ମାଝି, ବସନ୍ତ ଉଲ୍ଲାକା, ଶିବ ଉଲ୍ଲାକା, ଯାଲା ଭେଙ୍କେଟେଶ୍ୱର ରାଓ, ଉମେଶ ଖୋସଲା, ପ୍ରତିମ ଖରା, ତରୁଣ ଗରଡିଆ, ଅନିଲ ଜାଡି, ମଂଜୁଳା ମିଣିୟାକା, ଅଶ୍ୱିନୀ କଂଚଡା, ବୁରୁଡି ଲକ୍ଷ୍ମୀ ଓ ନଗର ସଭାପତି ରାଜେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



**କାଲିମେଳା,୧୭।୧୨(ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି ୭ ୯ ସ୍ଥିତ ସାବରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪୫ ତମ ବିଦ୍ୟାଳୟ ସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଦ୍ଧିଜୀବୀ ଦୀପକ ଦତ୍ତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମାଲଭରମ ମଣ୍ଡଳ ସଭାପତି ଜୟନ୍ତ ମଜୁମଦାର ଯୋଗ ଦେଇଥିଲେ।କ୍ରୀଡ଼ା ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କ ଶାରୀରିକ ବିକାଶ ଏବଂ କ୍ରୀଡ଼ା ମାଧ୍ୟମରେ ଅନୁଶାସନ ଓ ଟିମ୍ ସ୍ପିରିଟ୍ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ବିଭୁତି ଭୂଷଣ ସେଠୀ ଓ ଚିତ୍ତରଞ୍ଜନ ହରିଚନ୍ଦନ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

● ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ

## ‘ଆମେ ବି ଓଡ଼ିଶାବାସୀ, ଆମ ପ୍ରତି ବି ନଜର ପଡୁ’ ସତ୍ୟାଗ୍ରହ




ରାୟଗଡ଼ା, ୧୭।୧୨(ସମିସ) ରାଜ୍ୟରେ ଆଞ୍ଚଳିକ ବୈଷମ୍ୟତାକୁ ବିରୋଧ ଏବଂ ବିକାଶର ବିକେନ୍ଦ୍ରୀକରଣ ଦାବିନେଇ ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ମଞ୍ଚ ଆବାହକ ଗୌରଚନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଶାନ୍ତିପୂର୍ଣ୍ଣ ଧର୍ମଘଟ ଅନୁଷ୍ଠିତ ହୋଇଯାଇଛି। ଉପକୂଳ ଓ ପଶ୍ଚିମ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ ସଂଯୋଗ କ୍ଷେତ୍ରରେ ଦ୍ରୁତ ଉନ୍ନତି ଦେଖାଯାଇଛି। ବିଶ୍ୱବିଦ୍ୟାଳୟ, ଭେଷଜ ମହାବିଦ୍ୟାଳୟ ଏବଂ ବୃହତ୍ ଶିଳ୍ପ ପ୍ରକଳ୍ପଗୁଡ଼ିକ ମୁଖ୍ୟତଃ ପୂର୍ବରୁ ବିକଶିତ ଏହି ଅଞ୍ଚଳଗୁଡ଼ିକରେ ହିଁ କେନ୍ଦ୍ରିଭୁତ। ଅଥଚ ପ୍ରାକୃତିକ ସମ୍ପଦ ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟରେ ପୂର୍ଣ୍ଣ ଥିବା ସତ୍ତ୍ୱେ ଅବିଭକ୍ତ କୋରାପୁଟ ଜିଲ୍ଲା ମୌଳିକ ସୁବିଧା ସୁଯୋଗରୁ ବି ବଞ୍ଚିତ। ରାଜ୍ୟ ବଜେଟ୍‌ର ବୃହତ୍ ଅଂଶ ପୂର୍ବରୁ ସମୃଦ୍ଧଶାଳୀ ଜିଲ୍ଲା ମାନଙ୍କରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ପ୍ରଦାନରେ ବ୍ୟୟ କରାଯାଉଥିବା ବେଳେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାରେ ସାକ୍ଷରତା ହାର ଜାତୀୟ ହାରଠାରୁ ବହୁତ କମ୍; ଗୁଣାତ୍ମକ ଶିକ୍ଷା ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ। ସଡ଼କ ଓ ରେଳ ଯୋଗାଯୋଗ ଅତ୍ୟନ୍ତ ଦୁର୍ବଳ; ସ୍ୱାସ୍ଥ୍ୟ ସୁବିଧା ଅପର୍ଯ୍ୟାପ୍ତ ଏବଂ ବିଦ୍ୟୁତ୍ ଯୋଗାଣ ଅସ୍ଥିର। ରାଜ୍ୟ ମନ୍ତ୍ରୀମଣ୍ଡଳରେ ସଠିକ୍ ରାଜନୈତିକ ପ୍ରତିନିଧିତ୍ୱ ଏବଂ ପ୍ରଭାବଶାଳୀ ନେତୃତ୍ୱର ଅଭାବ ଯୋଗୁଁ , ଏହି ଜିଲ୍ଲାଗୁଡ଼ିକ ତାଙ୍କର ଯଥୋଚିତ ବିକାଶରୁ ବଞ୍ଚିତ ହୋଇ ରହିଛନ୍ତି। ପୂର୍ବରୁ ୨୦୨୨ ମସିହାରେ ନୀତି ଆୟୋଗ ପକ୍ଷରୁ ଏକ ବିବରଣୀ ଅନୁସାରେ ଅବିଭକ୍ତ କୋରାପୁଟ ଜିଲ୍ଲା ଅନ୍ତର୍ଗତ ଚାରିଟି ଜିଲ୍ଲା ଜୀବନ ମାନଦଣ୍ଡ ଅନୁସାରେ ସବୁଠାରୁ ଅତି ଅନୁନ୍ନତ ଥାଇ ରେଡ ଜୋନରେ ଥିଲା। ପୁନଃଶ୍ଚ ମାର୍ଚ୍ଚ ୨୦୨୫ରେ ସେଇ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ରିପୋର୍ଟ ମାଲକାନଗିରି, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାକୁ ଦେଶର ସବୁଠାରୁ ପଛୁଆ ଜିଲ୍ଲା ଭାବେ ପରିଗଣିତ କରି ପୁନର୍ବାର ରେଡ୍‌ଜୋନରେ ରଖିଛି ଓ ଗଭୀର ଅସମତାକୁ ପ୍ରକାଶ କରିଛି। ବର୍ଷ ବର୍ଷ ଧରି ଅବହେଳିତ ଏବଂ ଉପେକ୍ଷିତ ଏହି ଅଞ୍ଚଳବାସୀ ନିଜ ରାଜ୍ୟରେ ନିଜକୁ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବରେ ମନେ କରୁଛନ୍ତି ଏବଂ ସରକାରଙ୍କ ଏହି ବୈମାତୃକ ମନୋଭାବ ଅଞ୍ଚଳବାସୀଙ୍କୁ ଗଭୀର ଭାବରେ ବ୍ୟଥିତ କରିଛି। ଏହାଛଡ଼ା ଦୁର୍ବଳ ରାଜନୈତିକ ପ୍ରତିନିଧିତ୍ୱ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ଉଦାସୀନ ମନୋଭାବ ଯୋଗୁଁ ଅବିଭକ୍ତ କୋରାପୁଟ ଜିଲ୍ଲାବାସୀଙ୍କ ଦୁଃଖଦୁର୍ଦ୍ଦଶାର ବାସ୍ତବ ଚିତ୍ର ସରକାରଙ୍କ ଦୃଷ୍ଟିଗୋଚର ହୋଇପାରୁନାହିଁ। ଆଦିବାସୀ ଓଡ଼ିଶାର ଯନ୍ତ୍ରଣା ଓ ବେଦନାର କାହାଣୀ ସରକାରଙ୍କ କର୍ଣ୍ଣଗୋଚର ହେବାର ସୁନିଶ୍ଚିତ କରିବା ପାଇଁ ଏବଂ ରାଜ୍ୟରେ ଆଞ୍ଚଳିକ ବୈଷମ୍ୟତା ଦୂରୀକରଣ ଦାବିନେଇ ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ଏହି ଶାନ୍ତିପୂର୍ଣ୍ଣ ସିଟ୍-ଇନ୍-ଧର୍ମଘଟ କରା ଯାଇଥିଲା। ଏହି ଧର୍ମଘଟରେ ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ସକ୍ରିୟ ସଦସ୍ୟ ଗୁପ୍ତେଶ୍ୱର ପାଣିଗ୍ରାହୀ ଏବଂ ରାୟଗଡର ଜଣାଶୁଣା ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଡ. ବାଦଲ କୁମାର ତା, ବରିଷ୍ଠ ସାମ୍ବାଦିକ ଦୀପକ ପୃଷ୍ଟି, ରାଜନେତା ଦୁର୍ଗା ପ୍ରସାଦ ପଣ୍ଡା, ଝୁନା ପଣ୍ଡା, ସନ୍ତୋଷ ଦଳେଇ, କିଶୋର ପଣ୍ଡା, ଭିନ୍ନକ୍ଷମ ମହାସଂଘର ଶିଶିର ରାଉଳ ଏବଂ ଅମରେନ୍ଦ୍ର ନାଥ ଯୋଗ ଦେଇଥିଲେ। ଏହିପରି ଧର୍ମଘଟ ଆଗାମୀ ୨୨ ତାରିଖରେ ନବରଙ୍ଗପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରାଯିବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତ୍ୟେକ ପଞ୍ଚାୟତସ୍ତର ଯାଏ ବ୍ୟାପକ କରାଯିବ ବୋଲି ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

### ମିଳିନି ଟୋକନ, ଅଧିକାରୀଙ୍କୁ ବର୍ଷିଲେ ଚାଷୀ

# ଧାନମଣ୍ଡି ଉଦ୍‌ଘାଟନକୁ ଚାଷୀଙ୍କ ବିରୋଧ





ରାୟଗଡ଼ା,୧୭।୧୨(ସମିସ): ଆଜି ଥିଲା ଜିଲ୍ଲାସ୍ତରୀୟ ଖରିଫ ଧାନ ମଣ୍ଡିର ଶୁଭାରମ୍ଭ କାର୍ଯ୍ୟକ୍ରମ। ତେବେ ପଞ୍ଜିକୃତ ଚାଷୀଙ୍କୁ ଟୋକେନ ମିଳି ନ ଥିବା ତଥା ଟୋକେନ ପ୍ରଦାନରେ ଅବ୍ୟବସ୍ଥାକୁ ନେଇ ଖରିଫ ଋତୁ ୨୦୨୫-୨୬ ଧାନ ମଣ୍ଡି ଉଦ୍‌ଘାଟନକୁ ବିରୋଧ କରିଛନ୍ତି ଚାଷୀ। ଆଜି ରାୟଗଡା ନିୟନ୍ତ୍ରିତ ବଜାର କମିଟି ପରିସରରେ ଉଦ୍‌ଘାଟନ ହେବାକୁ ଥିବା ମଣ୍ଡିକୁ ଉଦ୍‌ଘାଟନ ପାଇଁ ରାୟଗଡା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସିଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ତୀବ୍ର ବିରୋଧ କରିଥିଲେ ଚାଷୀ । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଆରଏମସି ସମ୍ପାଦକ କସ୍ତୁରୀ ରାଜୁ, ଜିଲ୍ଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ ଓ ଡିଆରସିଏସ ଜନ୍ମେଜୟ ମହାପାତ୍ର ଓ ଅନ୍ୟାନ୍ୟ ଅଧିକାରୀ ମଣ୍ଡି ଉଦ୍‌ଘାଟନ ପାଇଁ ଆସିଥିଲେ। କିନ୍ତୁ ଚାଷୀ ସେମାନଙ୍କ ସମସ୍ୟା ସମାଧାନ ନ ହେବା ଯାଏଁ ଉଦ୍‌ଘାଟନ ବନ୍ଦ କରିବାକୁ ଦାବି କରିଥିଲେ। ଚଳିତ ବର୍ଷ ଜଳସେଚିତ ଜମିରେ ୧୯ କ୍ୱିଣ୍ଟାଲ ଧାନ ପାଇଁ ଟୋକେନ ଆସୁଛି ଓ ଅଣ ଜଳସେଚିତ ଜମିରେ ୧୩ କ୍ୱିଣ୍ଟାଲ ଧାନ ନେବା ପାଇଁ ସରକାର ଧାର୍ଯ୍ୟ କରିଛନ୍ତି। କିନ୍ତୁ ଜଳସେଚିତ ଜମିରେ ୨୫/୩୦ କୁଇଣ୍ଟାଲ ଧାନ ପାଉଛି ଓ ଅଣ ଜଳସେଚିତ ଜମିରେ ୨୦/୨୨ କୁଇଣ୍ଟାଲ ଧାନ ପାଉଛି । ବଳକା ଧାନକୁ ଚାଷୀ କଣ କରିବେ ବୋଲି ରାୟଗଡାର ଜଣେ ଚାଷୀ ପ୍ରଶାନ୍ତ କୁମାର ନାୟକ ପ୍ରଶ୍ନ କରିଛନ୍ତି । ଡିଏଲପିସି ବୈଠକରେ ପ୍ରକୃତ ଚାଷୀ ମାନଙ୍କୁ ନିମନ୍ତ୍ରଣ କରା ନ ଯାଇ ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ବିଭାଗ ଡାକୁଛନ୍ତି ଓ ଡିଏଲପିସି ବୈଠକରେ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରା ଯାଉନଥିବାରୁ ଚାଷୀ ହଇରାଣ ହେଉଛନ୍ତି ବୋଲି ଚାଷୀ ଏମ ଶ୍ରୀନୁ ଅଭିଯୋଗ କରିଛନ୍ତି । ପ୍ରତି ବର୍ଷ ମଣ୍ଡି ଉଦ୍‌ଘାଟନ ପୂର୍ବରୁ ୮୦ ପ୍ରତିଶତ ଚାଷୀଙ୍କ ଟୋକେନ ଆସି ଯାଉଥିଲା । କିନ୍ତୁ ଚଳିତ ବର୍ଷ ଆଜି ସୁଦ୍ଧା ମାତ୍ର ୨୦/୩୦ ପ୍ରତିଶତ ଚାଷୀଙ୍କୁ ଟୋକେନ ଆସିଛି । ସୂଚନାଯୋଗ୍ୟ, ଜିଲ୍ଲାରେ ଅଧିକାଂଶ ଜମିରେ ସର୍ଭେ ହୋଇ ନଥିବାରୁ ଏଭଳି ଅବ୍ୟବସ୍ଥା ହୋଇଥିବା ଚାଷୀ ପ୍ରକାଶ କରିଛନ୍ତି । ମଣ୍ଡି ଉଦ୍‌ଘାଟନକୁ ଚାଷୀ ବିରୋଧ କରିବାରୁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଉଦ୍‌ଘାଟନ କରିବାକୁ ଆସିଥିବା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଫେରି ଯାଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବା ପରେ ଉଦ୍‌ଘାଟନ ସ୍ଥଳକୁ ରାୟଗଡା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଆସିଥିଲେ। ଏହା ପରେ ଉପଜିଲ୍ଲାପାଳ ଶ୍ରୀ ଜେନା ଚାଷୀଙ୍କ ସହ ଆଲୋଚନା ଏବଂ ବୁଝାସୁଝା ପରେ ଚାଷୀମାନେ ମଣ୍ଡି ଉଦ୍‌ଘାଟନ ପାଇଁ ରାଜି ହୋଇଥିଲେ। ପର୍ଯ୍ୟାୟକ୍ରମେ ଚାଷୀ ମାନଙ୍କୁ ଟୋକେନ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ଜେନା ପ୍ରକାଶ କରିଛନ୍ତି। ମଣ୍ଡିରେ ଧାନ କିଣା ସରଳୀକରଣ କରାଯାଉ ଏବଂ ସମସ୍ତ ଧାନ ଚାଷୀଙ୍କୁ ଧାନ ବିକ୍ରି ନିମନ୍ତେ ତୁରନ୍ତ ଟୋକେନ ପ୍ରଦାନ ନ କଲେ ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି।

> ଉଦ୍‌ଘାଟନ ନ କରି ଫେରିଲେ ଅତିରିକ୍ତ ଜିଲ୍ଲାପାଳ
> ଆଲୋଚନା ପରେ ହେଲା ସମାଧାନ

